## ସଂକ୍ଷେପରେ

### ଅନନ୍ତ ଗୋସ୍ୱାମୀ ପୀଠକୁ ନାହିଁ ରାସ୍ତା

**ବାଲିକୁଦା,୨୬।୮(ସ୍ୱ.ପ୍ର.):** ସରକାର ବିଭିନ୍ନ ମଠ, ମନ୍ଦିର, ପ୍ରାଚୀନ କୀର୍ତ୍ତିରାଜି ଓ ଐତିହାସିକ ପୀଠଗୁଡ଼ିକର ପୁନରୁଦ୍ଧାର ପାଇଁ ଯୋଜନା କରୁଛନ୍ତି। ଏ ବାବଦରେ ରାଜକୋଷରୁ ବିପୁଳ ଅର୍ଥ ମଧ୍ୟ ବ୍ୟୟ କରୁଛନ୍ତି। ମାତ୍ର ପଞ୍ଚାୟତସ୍ତରୀୟ ଜନପ୍ରତିନିଧିଙ୍କ ଇଚ୍ଛାଶକ୍ତିର ଅଭାବରୁ ବହୁ ଐତିହାସିକ ପୀଠସ୍ଥଳୀ ଏବେ ମଧ୍ୟ ଲୋକଲୋଚନକୁ ଆସିପାରୁନାହିଁ। ବାଲିକୁଦା ବ୍ଲକ ସଂଗ୍ରାମପୁର ପଞ୍ଚାୟତ ତିଗିରିଆ ଗ୍ରାମକୁ ଲାଗି ରହିଥିବା ମାଳିକା ବର୍ଣ୍ଣିତ ଅନନ୍ତ ଗୋସ୍ୱାମୀ ପୀଠ ସେଥିମଧ୍ୟରୁ ଅନ୍ୟତମ। ଇଚ୍ଛାପୁର ପଞ୍ଚାୟତ ଅଧୀନରେ ଥିବା ଏହି ପୀଠର ଐତିହ୍ୟ ହଜାର ବର୍ଷ ପୁରୁଣା। ୨ମାସ ତଳେ ଏଠାରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହୋଇଛି। ତେବେ ଏହି ପୀଠକୁ ଅଦ୍ୟାବଧି ସ୍ଥାୟୀ ରାସ୍ତା ନିର୍ମାଣ ହୋଇପାରିନି। ତେଣୁ ଏଠାକୁ ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ରଘୁନନ୍ଦନ ଦାସଙ୍କୁ ତିଗିରିଆ ଗ୍ରାମର ମୁରବୀ ତଥା ରେଭେନ୍ସା ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ବନବିହାରି ଦାସ ଚିଠି ଲେଖି ନିବେଦନ କରିଛନ୍ତି। ମନ୍ତ୍ରୀ ମଧ୍ୟ ଏନେଇ ଆବଶ୍ୟକ ପଦକ୍ଷେପ ନେବେ ବୋଲି ତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ, ଅଧ୍ୟାପକ ଦାସ ନିଜ ବ୍ୟକ୍ତିଗତ ଉଦ୍ୟମରେ ଏଠାରେ ମନ୍ଦିର ନିର୍ମାଣ କରିଛନ୍ତି। କିନ୍ତୁ ଭଲ ରାସ୍ତା ନ ଥିବାରୁ ଶ୍ରଦ୍ଧାଳୁମାନେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷାରେ ଏହି ରାସ୍ତା କାଦୁଅ ହୋଇପଡ଼ିଛି। ଗାଁର କେତେକ ପିଲା ବାଲି ଆଣି ଉକ୍ତ ରାସ୍ତାରେ ପକାଇଛନ୍ତି।

### ମୋହରିଅରଙ୍କ ବିୟୋଗରେ ଶୋକ

**କୁଜଙ୍ଗ,୨୬।୮(ସ୍ୱ.ପ୍ର):** କୁଜଙ୍ଗର ବରିଷ୍ଠ ମୋହରିଅର୍ ନିରଞ୍ଜନ ବାରିକ(୭୨)ଙ୍କ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ କୁଜଙ୍ଗ କୋର୍ଟରେ ଶୋକସଭା କରାଯିବା ସହ କାର୍ଯ୍ୟ କିଛି ସମୟ ପାଇଁ ବନ୍ଦ ରଖାଯାଇଥିଲା। ବରିଷ୍ଠ ଆଇନଜୀବୀ ଧନେଶ୍ୱର ସ୍ୱାଇଁଙ୍କ ସହ ବହୁ ଆଇନଜୀବୀ ତାଙ୍କ ଶେଷ ଦର୍ଶନ କରିଥିଲେ। ସୋମବାର ଓକିଲ ସଂଘ ସଭାପତି ରମେଶ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଶୋକସଭା କରାଯାଇଥିଲା। ପୂର୍ବତନ ସଭାପତି ଏଏନ୍‌ଡି ଯାଦବ, ସତ୍ୟାନନ୍ଦ ବିଶ୍ୱାଳ, ସମ୍ପାଦକ ସଞ୍ଜୟ ବେହେରା, ସୁଶାନ୍ତ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବର୍ଷାରେ ଭାସିଗଲା ଖୁସି

- ବିଦ୍ୟାଳୟ ଶ୍ରେଣୀଗୃହରେ ଆଣ୍ଠୁଏ ବର୍ଷାପାଣି
- ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ବହି, ୩ ମାସର ନାପ୍‌କିନ ନଷ୍ଟ
- ପାଣି କାଢ଼ିବା ଓ ବହି ଶୁଖାଇବାରେ କଟିଲା ଦିନ



ଶରତ ରାଉତ

ପାରାଦୀପ,୨୬।୮(ସ୍ୱ.ପ୍ର.)

ପାରାଦୀପରେ ରବିବାର ସର୍ବାଧିକ ୮୯ ମିମି ବର୍ଷା ହୋଇଛି। ଏଥିରେ ନୋଳିଆ ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ୟାପକ ଭାବେ କ୍ଷୟକ୍ଷତି ହୋଇଛି। ସ୍କୁଲ ଘର ଭିତରେ ଆଣ୍ଠୁଏ ବର୍ଷାପାଣି ଜମି ରହିବା ଫଳରେ ଉଜ୍ଜ୍ୱଳ-ଉତ୍ଥାନ କାର୍ଯ୍ୟକ୍ରମ ପୁସ୍ତିକା, ଖୁସି ଯୋଜନାରେ ଛାତ୍ରୀଙ୍କ ପାଇଁ ଆସିଥିବା ୩ ମାସର ନାପ୍‌କିନ, ପଙ୍ଖା, ବିଦ୍ୟୁତ୍ ସରଞ୍ଜାମ, ମହାପୁରୁଷମାନଙ୍କ ଫଟୋଚିତ୍ର, ସ୍କୁଲର ରେକର୍ଡପତ୍ର ଆଦି ନଷ୍ଟ ହୋଇଯାଇଛି। ବିଦ୍ୟାଳୟର ଶ୍ରେଣୀଗୃହ ଓ ଅସ୍ଥାୟୀ କକ୍ଷ ମଧ୍ୟରେ ଏଭଳି ପାଣି ଜମି ରହିବା ଫଳରେ ପ୍ରଧାନ ଶିକ୍ଷୟିତ୍ରୀ ରେଣୁବାଳା ସାହୁ ସୋମବାର ବାଧହୋଇ ଛୁଟି ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଶିକ୍ଷୟିତ୍ରୀ ଶିକ୍ଷକ ଓ କେତେଜଣ ଛାତ୍ରୀଛାତ୍ର ମିଶି ଦିନତମାମ ଶ୍ରେଣୀଗୃହରୁ ଥାଳି ଓ ବାଲ୍‌ଟିରେ ପାଣି ସଫା କରିଛନ୍ତି। ସେହିପରି ବର୍ଷାରେ ଭିଜିଯାଇଥିବା ବହିପତ୍ର ବାହାରେ ଶୁଖାଇବାରେ ପିଲାମାନଙ୍କ ଦିନ କଟିଥିଲା। ଛୁଟି ହେବାରୁ ଉକ୍ତ ବିଦ୍ୟାଳୟରେ ପଢୁଥିବା ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୧୯୫ ଛାତ୍ରୀଛାତ୍ର ପାଠପଢ଼ା ଓ ମଧ୍ୟାହ୍ନଭୋଜନ ଖାଇବାରୁ ବଞ୍ଚିତ ହେଲେ। ଏପରି ଅବ୍ୟବସ୍ଥା ୨୦୧୩ ଫାଇଲିନ ବାତ୍ୟା ପରେ ଅନେକଥର ଘଟିଲାଣି। କିନ୍ତୁ ଏହାର ସ୍ଥାୟୀ ପ୍ରତିକାର କରାଯାଇପାରୁନାହିଁ। ସ୍କୁଲ ଘର ବାରମ୍ବାର ଭାଙ୍ଗୁଛି। ଉକ୍ତ ଘରକୁ ଗତ ୬ବର୍ଷ ମଧ୍ୟରେ ସର୍ବଶିକ୍ଷା ଅଭିଯାନ ଓ ପାରାଦୀପ ପୌରପାଳିକା ପକ୍ଷରୁ ୩ ଥର ମରାମତି କରାଗଲାଣି। ଏଥିପାଇଁ ପ୍ରାୟ ୮ଲକ୍ଷ ଟଙ୍କାର ସରକାରୀ ଅନୁଦାନ ଖର୍ଚ୍ଚ ହୋଇସାରିଲାଣି। ଏହା ସତ୍ତ୍ୱେ ସାମାନ୍ୟ ବର୍ଷାରେ ଶ୍ରେଣୀକକ୍ଷରେ ପାଣି ପଶୁଛି। ସୂଚନା ଅନୁଯାୟୀ ଏହି ସ୍କୁଲ ସମ୍ମୁଖରେ ରହିଛି ପୌର ପାଳିକାର କଂକ୍ରିଟ ରାସ୍ତା। ସେହି ରାସ୍ତା ଓ ସ୍କୁଲ କାନ୍ଥ ମଝିରେ ଛୋଟ ଡ୍ରେନ୍ ରହିଛି। ରାସ୍ତା ପଡ଼ନଠାରୁ ଶ୍ରେଣୀଗୃହ ୨ ଫୁଟ ତଳେ ରହିଛି। ଫଳରେ ସ୍ୱଳ୍ପ ବର୍ଷା ହେଲେ ମଧ୍ୟ ପାଣି ପଶି ବ୍ୟାପକ କ୍ଷୟକ୍ଷତି ହେଉଛି।

## ବାରମ୍ବାର ଭାଙ୍ଗୁଛି ଘର, ପାଣିରେ ପଡୁଛି ଅର୍ଥ

୧୯୮୬ରୁ ଚାଲିଥିବା ଉକ୍ତ ବିଦ୍ୟାଳୟକୁ ନେଇ ଅନେକ ବିବାଦ ରହିଛି। ୨୦୧୮ ନଭେମ୍ବର ପର୍ଯ୍ୟନ୍ତ ଉକ୍ତ ସ୍କୁଲରେ ପାଣି, ବିଦ୍ୟୁତ ଓ ଶୌଚାଳୟ ବ୍ୟବସ୍ଥା ନ ଥିଲା। ୨୦୧୩ ଅକ୍ଟୋବର ୧୩ ଫାଇଲିନ ବାତ୍ୟା ପର୍ଯ୍ୟନ୍ତ ଉକ୍ତ ସ୍କୁଲ ଦୁଇଟି ସିଫ୍ଟରେ ଚାଲୁଥିଲା। କାରଣ ଶ୍ରେଣୀଗୃହ ଅଭାବ ଯୋଗୁ ପିଲା ବସିବାକୁ ଜାଗା ହେଉନ ଥିଲା। ତେଣୁ ଦୁଇଟି ସିଫ୍ଟରେ ପିଲାମାନେ ବିଦ୍ୟାଳୟ ଆସୁଥିଲେ। ଫଳରେ ସକାଳ ଓଳି ଆସୁଥିବା ପିଲାମାନେ ମଧ୍ୟାହ୍ନଭୋଜନ ଖାଇପାରୁ ନ ଥିଲେ। ଫାଇଲିନ ବାତ୍ୟାରେ ସ୍କୁଲ ଛାତ ଭାଙ୍ଗିଯାଇଥିଲା। ସେତେବେଳେ ମାସାଧିକ କାଳ ଆପଣାଛାଏଁ ପାଠପଢ଼ା ବନ୍ଦ ରହିଲା। ପରେ ସର୍ବଶିକ୍ଷା ଅଭିଯାନ ପକ୍ଷରୁ ଶ୍ରେଣୀଗୃହ ମରାମତି ଓ ଅସ୍ଥାୟୀ ଘର ନିର୍ମାଣ ହେଲା। ନିମ୍ନମାନର କାର୍ଯ୍ୟ ଯୋଗୁ ୨ଲକ୍ଷ ୮୦ ହଜାର ଟଙ୍କାରେ ନିର୍ମିତ ନୂଆଘର ବର୍ଷକ ମଧ୍ୟରେ ଭାଙ୍ଗିଗଲା। କିନ୍ତୁ ସେତେବେଳେ ୨୦୧୪ ହୁଦ୍‌ହୁଦ୍‌ରେ ଉକ୍ତ ଘର ଭାଙ୍ଗିଯାଇଥିବା ଦର୍ଶାଗଲା। ଏହା ପରେ ପୌର ପରିଷଦ ପକ୍ଷରୁ ୩ ଲକ୍ଷ ୩୦ ହଜାର ୮୦୦ ଟଙ୍କା ବ୍ୟୟରେ ମରାମତି ଓ ରଙ୍ଗ କରାଯାଇଥିଲା। ପରେ ସେହି ଅସ୍ଥାୟୀ ଘରକୁ ଏକ ଘରୋଇ ସ୍କୁଲ ନିଜ ଅଧୀନକୁ ନେଇଗଲା। ବହୁ ବିବାଦ ପରେ ସେଠାରେ ସରକାରୀ ସ୍କୁଲ ପିଲା ବସିବା ସହ ସିଫ୍ଟ ବ୍ୟବସ୍ଥା ବନ୍ଦ ହେଲା। ଗତ ଫନୀ ବାତ୍ୟାରେ ପୁଣି ସେହି ପୁରୁଣା ସ୍କୁଲ ଘର ଛାତ ଭୁଶୁଡ଼ି ପଡ଼ିଲା। ଏହା ପରେ ସ୍କୁଲର ପାଠପଢ଼ା ୩ଟି ସ୍ଥାନରେ ଚାଲିଲା। କିଛିଦିନ ପୋସ୍କୋ ବିଲ୍ଡିଂ ଓ ପରେ ଏକ ମଦ ଦୋକାନ ବାରଣ୍ଡା, ଗୋଷ୍ଠୀଗୃହ ବାରଣ୍ଡା ଓ ଖୋଲା ସ୍ଥାନରେ ପାଠପଢ଼ା ହେଲା। ଏମିତି ବ୍ୟବସ୍ଥା ମଧ୍ୟରେ ଗତ ଜୁନ/ଜୁଲାଇ ମାସରେ ପୌର ପାଳିକା ଛାତ ହଟାଇ ଆଜବେଷ୍ଟସ ପକାଇଛି। ଏ ବାବଦରେ ୨ଲକ୍ଷ ୪୦ ହଜାର ୮୯୦ ଟଙ୍କା ଖର୍ଚ୍ଚ ହୋଇଛି। ଏବେ ଘର ମରାମତି ହେବାର ମାସେ ନ ପୂରୁଣୁ ବର୍ଷା ପାଣି ପଶି ସମସ୍ତ କାଗଜପତ୍ର ଓ ବହି ନଷ୍ଟ ହୋଇଯାଇଛି। ଅନ୍ୟପକ୍ଷରେ ସେହି ସ୍କୁଲ ପାଇଁ ଆଉ ଏକ ସ୍ଥାନରେ ନୂତନ ଗୃହ ନିର୍ମାଣ କରିବାକୁ ଫଳକ ଲଗା ହେଲାଣି। ୨୦୦୪ରୁ ଶିକ୍ଷା ବିଭାଗ ପୌର ପାଳିକାରୁ ଅଲଗା ହେବା ପରେ ପୌର ପାଳିକା କିଛି ମରାମତି କରିପାରୁ ନ ଥିଲା। ସମସ୍ତ କାର୍ଯ୍ୟ ସର୍ବଶିକ୍ଷା ଯୋଜନାରେ ହେଉଥିଲା। ଏବେ ପୌର ପାଳିକା ମରାମତି ଓ ନୂତନ ଗୃହ ନିର୍ମାଣ କରୁଛି। ଉକ୍ତ ବାବଦ ଅର୍ଥ ସର୍ବଶିକ୍ଷା ପୌର ପାଳିକାକୁ ଦେଉଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାଶଙ୍କୁ ପଚାରିବାରେ ସେ କହିଲେ ଯେ, ବର୍ଷାରେ ଖୁସି ଯୋଜନାରେ ମିଳିଥିବା ନାପକିନ ଓ ବହି ନଷ୍ଟ ହେବା ଖବର ପାଇଛି। ପାରାଦୀପରେ ସ୍କୁଲ ଘର ପାଇଁ ଜାଗା ଅଭାବ ଥିବାରୁ ଏପରି ହେଉଥିବା କହି ସେ ନିଜ ଅସହାୟତା ପ୍ରକାଶ କରିଥିଲେ।






ବର୍ଷାରେ ଓଦା ହୋଇଯାଇଥିବା ବହି ଶୁଖାଉଛନ୍ତି ଛାତ୍ରୀଛାତ୍ର। ପାଣିରେ ଭିଜି ନଷ୍ଟ ହୋଇଯାଇଥିବା ସ୍କୁଲର ବିଭିନ୍ନ ଜିନିଷପତ୍ର।

### ମରଣଜନ୍ତା ପାଲଟିଛି ରାସ୍ତା

**ରାହାମା,୨୬।୮(ଡି.ଏନ୍.ଏ):** କଟକ-ପାରାଦୀପ ରାସ୍ତାର ପଙ୍କପାଳଠାରୁ ଗରେଇ ପର୍ଯ୍ୟନ୍ତ ୫କି.ମି. ରାସ୍ତା ଏବେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ରାସ୍ତାସାରା ଖାଲଖମାରେ ଭର୍ତ୍ତି ହୋଇଛି। ବର୍ଷା ହେବା ଫଳରେ ଉକ୍ତ ଖାଲରେ ପାଣି ଜମି ରହିଛି। ଫଳରେ ପଥଚାରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିଯୋଗୁ ଅନେକ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଛି। ଏହି ରାସ୍ତା ଉପରେ ପଙ୍କପାଳ, ଗରେଇ, ପୋତାନଈ, ନୁହାଡି, ମଲ୍ଲିପୁରା ଆଦି ପଞ୍ଚାୟତର ଜନସାଧାରଣଙ୍କ ସମେତ ସ୍କୁଲ ଓ କଲେଜ ପିଲା ନିର୍ଭରଶୀଳ। ରାସ୍ତା ଖରାପ ଥିବାରୁ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜରୁରୀକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ, ଦମକଳ ଗାଡ଼ି ଯାତାୟାତ ବାଧାପ୍ରାପ୍ତ ହେଉଛି। ତେଣୁ ଉଚ୍ଚ କର୍ତ୍ତୃପକ୍ଷ ଉକ୍ତ ରାସ୍ତା ମରାମତି କରିବାକୁ ଦାବି ହେଉଛି।

### ଛତୁଆ ପ୍ରସ୍ତୁତି କେନ୍ଦ୍ରର ମାନ ଯାଞ୍ଚ



**କୁଜଙ୍ଗ,୨୬।୮(ସ୍ୱ.ପ୍ର):** ପଙ୍କପାଳ ପଞ୍ଚାୟତ ଜନାପାଳ ଗ୍ରାମରେ ମଦର ଟେରେସା ମହିଳା ସମିତି ପକ୍ଷରୁ ଏକ ଛତୁଆ କେନ୍ଦ୍ର ଖୋଲାଯାଇଛି। ଏହି କେନ୍ଦ୍ରକୁ କୁଜଙ୍ଗ ସିଡିପିଓ ତନୁପ୍ରଭା ବେହେରାଙ୍କ ସହ ମହିଳା ପରିଦର୍ଶିକା ଚିନ୍ତାମଣି କିସକୁ ଯାଇ ଛତୁଆର ମାନ ଯାଞ୍ଚ କରିଛନ୍ତି। ଏହି ଅବସରରେ ଜିଲା ସମାଜ କଲ୍ୟାଣ ଅଧିକାରୀ ଜୟନ୍ତୀ ବେହେରା ପ୍ରସ୍ତୁତି ସମୟରେ ସ୍ୱଚ୍ଛତା ଓ ବିଭିନ୍ନ ସମାଗ୍ରୀ ମିଶ୍ରଣ ଅନୁପାତ ସମ୍ପର୍କରେ କହିଥିଲେ। ପ୍ରକାଶ ଯେ, ରାଜ୍ୟ ସରକାରଙ୍କ ନୂତନ ନୀତି ଓ ସ୍ୱଚ୍ଛତା ନେଇ ପ୍ରତିମାସ ୨୩ ତାରିଖରେ ଛତୁଆ ପ୍ରସ୍ତୁତି ସମୟରେ ବିଭାଗୀୟ ଅଧିକାରୀ କେନ୍ଦ୍ରକୁ ଯାଞ୍ଚ କରିବା ପାଇଁ ଯିବାକୁ ନିର୍ଦ୍ଦେଶ ହୋଇଛି।

## ଶିକ୍ଷୟିତ୍ରୀଙ୍କୁ ରମାଦେବୀ ସମ୍ମାନ



ଅତିଥି ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରୁଛନ୍ତି।

**ବାଲିଆ,୨୬।୮:** ବିରିଡ଼ି ବ୍ଲକ ମହାତୋଳ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ମୂଳା ସାହୁଙ୍କୁ ଚଳିତବର୍ଷର ରମାଦେବୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱରର ନିଶିଗନ୍ଧା ସାହିତ୍ୟ ସଂସଦର ପ୍ରଥମ ରାଜ୍ୟସ୍ତରୀୟ ସାହିତ୍ୟ ଆସର ଓ ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ ଅବସରରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଉତ୍ସବରେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି କବି ଡ. ହୁସେନ ରବି ଗାନ୍ଧୀ, ଶିକ୍ଷାମନ୍ତ୍ରୀ ସମୀର ଦାସଙ୍କ ସହ ଅନ୍ୟ ଅତିଥିମାନେ ଉପସ୍ଥିତ ରହି ଶିକ୍ଷୟିତ୍ରୀ ସାହୁଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ସୂଚନାଯୋଗ୍ୟ, ଶିକ୍ଷୟିତ୍ରୀ ସାହୁ ଏହା ପୂର୍ବରୁ ଶ୍ରେଷ୍ଠ ଜ୍ୟୋତିଶ୍ରୀ ସମ୍ମାନ, ଶିକ୍ଷକ ଗୌରବ ସମ୍ମାନ, ଶ୍ରୀଗୁଣ୍ଡିଚା ସମ୍ମାନ ଆଦି ପାଇ ଜଗତ୍‌ସିଂହପୁର ମାଟିକୁ ଗୌରବାନ୍ୱିତ କରିଛନ୍ତି।

### ଅତିରିକ୍ତ ଜିଲାପାଳଙ୍କୁ ଅନଏମ୍ପ୍ଲୟେଡ୍ ଇଞ୍ଜିନିୟର୍ସ ସଂଘର ଦାବିପତ୍ର

## ଶିଳ୍ପ ସଂସ୍ଥାରେ ସ୍ଥାନୀୟ ଲୋକଙ୍କୁ ୭୦% ନିଯୁକ୍ତି ମିଳୁ

ପାରାଦୀପ,୨୬।୮(ସ୍ୱ.ପ୍ର)

ପାରାଦୀପ ଅନଏମ୍ପ୍ଲୟେଡ୍ ଇଞ୍ଜିନିୟସ ସଂଘ ପକ୍ଷରୁ ସୋମବାର ଏକ ଦାବିପତ୍ର ସ୍ଥାନୀୟ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀରଙ୍କୁ ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ଆନ୍ଧ୍ର ସରକାର ଯେପରି ନିୟମ କରିଛନ୍ତି ରାଜ୍ୟ ସରକାର ସେପରି ନିୟମ କରିବା ଯଥା: ଶିଳ୍ପ ସଂସ୍ଥା ଓ ସରକାରୀ ଉଦ୍ୟୋଗରେ ସ୍ଥାନୀୟ ଲୋକଙ୍କ ପାଇଁ ଆନ୍ଧ୍ର ସରକାର ୭୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି। ତେଣୁ ରାଜ୍ୟ ସରକାର ୭୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରିବାକୁ ଉଲ୍ଲେଖ କରାଯାଇଛି। ଏକାଧିକ ଇଞ୍ଜିନିୟର ଏକ ବାଇକ୍ ଶୋଭାଯାତ୍ରାରେ ଏଡିଏମ୍ ଅଫିସ ପର୍ଯ୍ୟନ୍ତ ଯାଇ ଦାବିପତ୍ର ଦେଇଥିଲେ। ସଂଘ ସଦସ୍ୟ ଗୌତମ ମିଶ୍ର, ମନୋଜ କୁମାର ନାୟକ, ସୟଦ ଅଫଜଲ ଅଲ୍ଲୀ, ମନୋରଞ୍ଜନ ବେହେରା, ସୁଶାନ୍ତ ସୁନ୍ଦରାୟ ଓ ହେମନ୍ତ ସାହୁ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।



ଅତିରିକ୍ତ ଜିଲାପାଳଙ୍କୁ ସଂଘ କର୍ମକର୍ତ୍ତା ଦାବିପତ୍ର ଦେଉଛନ୍ତି।

## ବିଡିଓଙ୍କୁ ଗାଁ ସାଥୀ ସଂଘର ଦାବିପତ୍ର

ଏରସମା,୨୬।୮(ସ୍ୱ.ପ୍ର.)

ଏରସମା ବ୍ଲକ ଗାଁ ସାଥୀ ସଂଘ ପକ୍ଷରୁ ସୋମବାର ବିଡିଓଙ୍କୁ ୬ ଦଫା ସମ୍ବଳିତ ଏକ ଦାବିପତ୍ର ଦିଆଯାଇଛି। ସଂଘର ସଭାପତି ସ୍ମୃତି ରଞ୍ଜନ ମହାନ୍ତିଙ୍କ ସହ ଶରତ ମହାନ୍ତି, ସୌଭାଗ୍ୟ ସ୍ୱାଇଁ, ଅରୁଣ କୁମାର ବେହେରା ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ ଗାଁ ସାଥି ବିଡିଓ କୈଳାସ ଚନ୍ଦ୍ର ବେହେରାଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଦୀର୍ଘ ୧୧ ବର୍ଷ ହେଲା ନିଯୁକ୍ତି ପାଇଥିବା ଗାଁ ସାଥୀଙ୍କୁ କୌଣସି ପାରିଶ୍ରମିକ ଦିଆଯାଉନାହିଁ। ବାରମ୍ବାର ଅନ୍ଦୋଳନ କଲେ ମଧ୍ୟ କୌଣସି ସରକାରୀ ସୁବିଧା ମିଳୁନି। ଏରସମା ବ୍ଲକରେ କାର୍ଯ୍ୟରତ ଗାଁ ସାଥୀଙ୍କ ତାଲିକା ବିଡିଓଙ୍କୁ ଦିଆଯାଇଥିଲେ ମଧ୍ୟ ତାହା ଡିଆରଡିଏ କାର୍ଯ୍ୟାଳୟକୁ ପଠାଯାଇନାହିଁ। ଏବେ ସରକାରୀ ଯୋଜନା ଅନୁସାରେ ବିଭିନ୍ନ ଗ୍ରାମରେ ଶ୍ରମିକ ସଙ୍ଗଠନ ଗଠନ କରାଯାଉଥିଲେ ମଧ୍ୟ ଗାଁ ସାଥୀଙ୍କ ସହାୟତା ନିଆଯାଉନାହିଁ। ସରକାରଙ୍କ ପକ୍ଷରୁ ଗତ ୨।୭।୨୦୧୯ରେ ଗାଁ ସାଥୀମାନଙ୍କୁ କାର୍ଯ୍ୟ ଦିବସ ପ୍ରଦାନ କରିବା ପାଇଁ ଯୋଜନା କରାଯାଇଥିଲା। କିନ୍ତୁ ତାହା କାର୍ଯ୍ୟକାରୀ କରାଯାଉନାହିଁ। ଏହି ପ୍ରସଙ୍ଗଗୁଡ଼ିକ ବିଚାରକୁ ନେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଛି। ନଚେତ ବାଧହୋଇ ସଂଘ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ସଭାପତି ମହାନ୍ତି ଚେତାବନୀ ଦେଇଛନ୍ତି।



ବିଡିଓଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗାଁ ସାଥୀ ସଂଘ କର୍ମକର୍ତ୍ତା।

### ନାଉଗାଁରେ ଜନ ଅଭିଯୋଗ ଶୁଣାଣି

## ରାସ୍ତା ଅବସ୍ଥା ଦେଖି ଜିଲାପାଳ ଖପ୍ପା

- ତୁରନ୍ତ ସମସ୍ୟା ସମାଧାନ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ
- କୁଜଙ୍ଗ ବନଖଣ୍ଡ ଡିଏଫ୍‌ଓ ଏବଂ ରେଞ୍ଜରଙ୍କ ଦିନକର ଦରମା ବନ୍ଦ

ନାଉଗାଁ,୨୬।୮(ସ୍ୱ.ପ୍ର.)

ନାଉଗାଁ ବ୍ଲକ ପରିସରରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କର ଏହା ଥିଲା ନାଉଗାଁରେ ପ୍ରଥମ ଜନ ଶୁଣାଣି। ତେଣୁ ଜିଲାପାଳଙ୍କୁ ଅଭିଯୋଗ ଜଣାଇବାକୁ ବହୁ ଲୋକଙ୍କ ଭିଡ଼ ହୋଇଥିଲା। ଏହି ଅବସରରେ ସେ ନାଉଗାଁ ବ୍ଲକର ମୁଖ୍ୟରାସ୍ତା ବାଲିଭଉଁରୀ-ଶିଖରଘାଟ ରାସ୍ତା ଅବସ୍ଥା ଦେଖି ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିସହ ଜନସାଧାରଣଙ୍କ ଅଭିଯୋଗଗୁଡ଼ିକ ତୁରନ୍ତ ସମାଧାନ କରିବାକୁ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏ କ୍ଷେତ୍ରରେ ଅବହେଳା କଲେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଥିଲେ। ସେ ଯୋଗଦେବାଠାରୁ ଅଦ୍ୟାବଧି ୧୧୩୯ ଅଭିଯୋଗ ପାଇଥିବାବେଳେ ୩୪୫ଟି ତ୍ୱରିତ ସମାଧାନ କରାଯାଇଛି, ଯାହାକି ଶତକଡ଼ା ୩୦ ପ୍ରତିଶତ। ଏହାକୁ ଖୁବ୍‌ଶୀଘ୍ର ୫୦ ପ୍ରତିଶତରେ ପହଞ୍ଚାଇବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସେହିପରି କୁଜଙ୍ଗ ବନଖଣ୍ଡର ଡିଏଫଓ ଏବଂ ରେଞ୍ଜର ଅନୁପସ୍ଥିତ ଥିବାରୁ ସେମାନଙ୍କ ଦିନକର ଦରମା କାଟିବାକୁ ନିର୍ଦ୍ଦେଶ ଦେଇଥିଲେ। ଆବାସ ଯୋଜନାରେ ହିତାଧିକାରୀଙ୍କ ବିଲ୍ ୨ ଦିନରେ କରିବାକୁ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯେଉଁ ଜିଆରଏସମାନେ ସଠିକ କାର୍ଯ୍ୟ କରୁନାହାନ୍ତି ସେମାନଙ୍କୁ ନିଲମ୍ବନ କରିବାକୁ ବିଡିଓ ରଶ୍ମିରେଖା ମଲିକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସଚେତନ ନାଗରିକ ମଞ୍ଚ ପକ୍ଷରୁ ରବୀନ୍ଦ୍ର ପଟ୍ଟନାୟକ, ଅର୍ଜ୍ଜୁନ ଚରଣ ରାଉତ, ବସନ୍ତ ମହାନ୍ତି ପ୍ରମୁଖ ବସ୍‌ଷ୍ଟାଣ୍ଡ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା, ଆମ ପୋଲିସ ବୈଠକ କରିବା, ନାଉଗାଁ ବଜାରରୁ ଅଲଣାହାଟ ପର୍ଯ୍ୟନ୍ତ ଉଜ୍ଜଳ ଆଲୋକ, ଖାଲିଥିବା ଶିକ୍ଷକ ପଦବୀ ପୂରଣ କରିବାକୁ ଦାବି ଜଣାଇଥିଲେ।



ଜିଲାପାଳଙ୍କୁ ଛାତ୍ରୀଛାତ୍ର ଅଭିଯୋଗ ଜଣାଉଛନ୍ତି।

ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ସରକାରୀ ପଞ୍ଜୀକୃତ ସାର ଦୋକାନରେ ସାରର ସଠିକ ମୂଲ୍ୟ ତାଲିକା ଲଗାଇବାକୁ ଅଶୋକ ମହାନ୍ତି, ଦିଲୀପ ପାଢ଼ି ପ୍ରମୁଖ ଅଭିଯୋଗ କରିଥିଲେ। ତିରୁଣା ପଞ୍ଚାୟତ ଦହିପାଳ ଗ୍ରାମର ପଡ଼ା ଗାଁ ବେଲକନ୍ଦାକୁ ୩୦ ବର୍ଷ ହେବ ରାସ୍ତା ନାହିଁ ବୋଲି ଯୁଗଳ କିଶୋର ମହାନ୍ତି ଅଭିଯୋଗ କରିଥିଲେ। ଏହି ଅବସରରେ ରେଣୁକା ସ୍ୱାଇଁଙ୍କୁ ଜିଲାପାଳ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ଦେଇଥିଲେ। ମୁଣ୍ଡାଳ -ବେଣାପଡ଼ା ରାସ୍ତା ମରାମତି ପାଇଁ ପ୍ରଦୋଶ ମହାନ୍ତି ଦାବି ଜଣାଇଥିଲେ। ଜାମୁଗାଁ ପଞ୍ଚାୟତରେ ଗୋଚର ଜମିରୁ ଜବର ଦଖଲ ଉଚ୍ଛେଦ ଓ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ପାଇଁ ସରପଞ୍ଚ ଲଲାଟେନ୍ଦୁ ପରିଡ଼ା ଦାବି କରିଥିଲେ। ଘୋଡ଼ାଂଶ ପଞ୍ଚାୟତର ଚତୁର୍ଭୁଜ ମହାନ୍ତି ୨୦୧୪ରୁ ମ୍ୟୁଟେଶନ ପାଇଁ ଆବେଦନ କରିଥିଲେ ମଧ୍ୟ ତାଙ୍କ କଥା କେହି ଶୁଣୁ ନ ଥିବା ଅଭିଯୋଗ କରିଥିଲେ। ଜିଲାପାଳ ନିଜେ ତହସିଲ କାର୍ଯ୍ୟାଳୟକୁ ଯାଇ ଏହାର ତଦନ୍ତ କରିଥିଲେ। ଗୋପାଳ ଜୀଉ ଉ.ପ୍ରା ବିଦ୍ୟାଳୟ ଗଜରାଜପୁରର ଛାତ୍ରୀଛାତ୍ର ଶିକ୍ଷକଙ୍କ ନିଲମ୍ବନ ପ୍ରତ୍ୟାହାର ଦାବି କରିଥିଲେ। ଶିବିରରେ ମୋଟ ୧୪୭ ଅଭିଯେଗ ଆସିଥିବାବେଳେ ସେଥିରେ ଗ୍ରାମ୍ୟ ସମ୍ବନ୍ଧୀୟ ୧୯, ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ୧, ରେଡକ୍ରସ ୫, ବ୍ୟକ୍ତିଗତ ୧୨୨, ଇନ୍ଦିରା ଆବାସ ୫୦, ଭତ୍ତା ୧୬, ପିଡିଏସ ୨୧, ଆଇନ ସହାୟତା ୭, ଜମିଜମା ସମ୍ପର୍କିତ ୧୨, ଅନ୍ୟାନ୍ୟ ୧୬ଟି ଅଭିଯୋଗ ହୋଇଥିଲା। ସେଥିମଧ୍ୟରୁ ୬ ଟି ଅଭିଯୋଗ ହୋଇଥିଲା। ଅନ୍ୟ ଅଭିଯୋଗ ତୁରନ୍ତ ସମାଧାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପରେ ଜିଲାପାଳ ତହସିଲ କାର୍ଯ୍ୟାଳୟକୁ ଯାଇ ବିଭିନ୍ନ କାଗଜପତ୍ର ତନଖି କରି ଫନୀ କ୍ଷତିଗ୍ରସ୍ତଙ୍କୁ ପଲିଥିନ ବଣ୍ଟନ କରିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଅତିରିକ୍ତ ପ୍ରକଳ୍ପ ଅଧିକାର କୃଷ୍ଣଚନ୍ଦ୍ର ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଶ୍ୱନାଥ ମିଶ୍ର, ବିଡିଓ ରଶ୍ମିରେଖା ମଲିକ ତହସିଲଦାର ଜେ. କଳ୍ପନା, ଜିଲା ଅଭିଯୋଗ ଅଧିକାରୀ ରଞ୍ଜନ ଦାସ, ପ୍ରଦୀପ୍ତ ବାରିକଙ୍କ ସହ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୨୭/୨୦୧୯ Bhubaneswar, Tuesday, August 27/2019

## ସଂକ୍ଷେପରେ

### ଯୌତୁକ ନିର୍ଯାତନା ଅଭିଯୋଗରେ ସ୍ୱାମୀ କୋର୍ଟଚାଲାଣ

ଧର୍ମଶାଳା/ଜେନାପୁର,୨୬।୮ (ଡି.ଏନ୍.ଏ.) ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ଗଡ଼ମଧୁପୁର ପଞ୍ଚାୟତର ପନ୍ତୁରୀ ଗ୍ରାମରେ ସ୍ତ୍ରୀକୁ ଯୌତୁକ ନିର୍ଯାତନା ଦେବା ଅଭିଯୋଗରେ ପୋଲିସ ସ୍ୱାମୀକୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ସ୍ୱାମୀ ଜଣଙ୍କ ରଞ୍ଜନ କୁମାର ସାହୁ (୩୨)। ପ୍ରକାଶ ଯେ, ପନ୍ତୁରୀ ଗ୍ରାମର ରଞ୍ଜନ ଏକ ବର୍ଷ ତଳେ ଢେଙ୍କାନାଳର ସୁଭଦ୍ରା ସାହୁଙ୍କୁ ବିବାହ କରିଥିଲେ। ବିବାହ ପରଠାରୁ ସେ ଅଧିକ ଯୌତୁକ ଦାବି କରି ସୁଭଦ୍ରାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିଲେ। କିନ୍ତୁ ରବିବାର ରାତିରେ ଏହି ଘଟଣା ଉଗ୍ରରୂପ ନେଇଥିଲା। ରଞ୍ଜନ ସୁଭଦ୍ରାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଗ୍ରାମବାସୀ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ସୋମବାର ସୁଭଦ୍ରା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୧୯୨/୧୯) ରୁଜୁକରି ରଞ୍ଜନଙ୍କୁ ଗିରଫ କରିଥିଲା।

### ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା ଅଭିଯୋଗ

ରସୁଲପୁର,୨୬।୮ (ଡି.ଏନ୍.ଏ.)- କୁଆଖିଆ ଥାନା ଅନ୍ତର୍ଗତ ରସୁଲପୁର ପଞ୍ଚାୟତ ସାନତ୍ରିଲୋଚପୁର ଗ୍ରାମର ଖଣ୍ଡିତର ହାଇସ୍କୁଲର ଜନୈକ ଶିକ୍ଷକର ମାନପୁଅ ରଶି ଲଗାଇ ଆତ୍ମହତ୍ୟା କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଘଟଣାରୁ ପ୍ରକାଶ ଶିକ୍ଷକଙ୍କ ପୁଅ ରାଜଆଶୁତୋଷ କର(୧୯) ଡିଗ୍ରୀ ଶିକ୍ଷା ପାଇଁ ଅଧ୍ୟୟନରତ ଥିଲେ। ସେ ଗତ କିଛିଦିନ ଧରି ମାନସିକ ଚାପ ଗ୍ରସ୍ତ ଥିଲେ ବୋଲି କୁହାଯାଉଛି। ରବିବାର ରାତିରେ ସେ ଘର ଭିତରୁ କବାଟ ବନ୍ଦ କରି ବେକରେ ରଶି ଲଗାଇ ଦେଇଥିଲେ। ସୋମବାର ସକାଳେ ଝରକା ପଟରେ ରାଜଆଶୁତୋଷଙ୍କ ମୃତଦେହ ଝୁଲୁଥିବାର ପରିବାରଲୋକେ ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ କୁଆଖିଆ ଥାନାରେ ଅଭିଯୋଗ କରିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା (ନଂ-୧୩/୧୯) ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ସର୍ବଭାରତୀୟ କରାଟେ ଚାମ୍ପିୟନଶିପ୍, ଜିଲାକୁ କୁମୁତେରେ ୨ ବ୍ରୋଞ୍ଜ

କାଳିଆପାଣି,୨୬।୮ (ଡି.ଏନ୍.ଏ.)- ଭୁବନେଶ୍ୱରସ୍ଥିତ ମଞ୍ଚେଶ୍ୱର ରେଲୱେ ଇନଡୋର ଷ୍ଟାଡ଼ିୟମ ପରିସରରେ ୧୦ମ ସର୍ବଭାରତୀୟ କରାଟେ ଚାମ୍ପିୟନଶିପ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଯାଜପୁର ଜିଲାର କାଳିଆପାଣିରୁ ୨ ଜଣ ପଦକ ବିଜେତା ହୋଇଥିବା ଜଣାପଡ଼ିଛି। ସର୍ବଭାରତୀୟ କରାଟେ ପ୍ରତିଯୋଗିତାରେ ଓଡ଼ିଶା ବ୍ୟତୀତ ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ଗୁଜରାଟ, ଛତିଶଗଡ଼, ଝାଡ଼ଖଣ୍ଡ, ହରିଆନା ତଥା ଅନ୍ୟ ରାଜ୍ୟଗୁଡ଼ିକରୁ ଅନ୍ୟୁନ୍ୟ ୧୦୦୦ ପ୍ରତିଯୋଗୀ ଭାଗ ନେଇଥିଲେ। ଜାତୀୟ କରାଟେ ସଂଘ ଦ୍ୱାରା ସ୍ୱୀକୃତିପ୍ରାପ୍ତ ସର୍ବଭାରତୀୟ କରାଟେ ପ୍ରତିଯୋଗୀତାରେ ଯାଜପୁର ଜିଲାରୁ ବହୁ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ସୁକିନ୍ଦା ବ୍ଲକ କାଳିଆପାଣି ଅଞ୍ଚଳରୁ ୩ ଜଣ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ସୌମ୍ୟଜିତ ବାରିକ ଓ ଓମ୍‌ପ୍ରକାଶ ମହାନ୍ତିଙ୍କୁ କୁମୁତେରେ ବ୍ରୋଞ୍ଜ ପଦକ ମିଳିଥିବା ଜଣାପଡ଼ିଛି। ନିଧିମନ୍ତ ଦେହୁରୀଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗୀମାନେ ଯାଇଥିବା ବେଳେ ଜିଲା ସାଟକୋର ମୁଖ୍ୟ ବେଣୁଧର ମଲ୍ଲିକ ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ବିଷାକ୍ତ ପୋକ କାମୁଡ଼ିବାରୁ ଶିଶୁକନ୍ୟା ମୃତ

ବାସୁଦେବପୁର,୨୬।୮ (ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ସାନକୃଷ୍ଣପୁର ପାରାପୋଖରୀ ଗ୍ରାମରେ ରବିବାର ବିଷାକ୍ତ ପୋକ ମହୁରୋଳ କାମୁଡ଼ାରେ ଜଣେ ୫ ବର୍ଷର ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ଗଣେଶ ବିଶ୍ୱାଳଙ୍କ ଝିଅ ସାବିତ୍ରୀ। ସାବିତ୍ରୀ ରବିବାର ସକାଳେ ଖେଳୁଥିବା ବେଳେ କିଛି ମହୁରୋଳ ତାଙ୍କୁ କାମୁଡ଼ି ଦେଇଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ ଜଣେ ଘରୋଇ ଚିକିତ୍ସକଙ୍କ ପାଖରେ ପ୍ରାଥମିକ ଚିକିତ୍ସା କରାଇଥିଲେ। ମଧ୍ୟାହ୍ନରେ ସାବିତ୍ରୀଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

■ ଖଣିରେ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ବିବାଦ

# ଅଚଳାବସ୍ଥା ଦୂର ଦିଗରେ ପଦକ୍ଷେପ ଦାବି

ଡୁବୁରୀ,୨୬।୮ (ଡି.ଏନ୍.ଏ.)

ସୁକିନ୍ଦା କ୍ରୋମ ଭ୍ୟାଲିରୁ ଖଣିଜ ଦ୍ରବ୍ୟ ବୋଝେଇ କ୍ଷେତ୍ରରେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଯାଜପୁର ଜିଲାପାଳଙ୍କ ପଦକ୍ଷେପ ଉପରେ ସୁକିନ୍ଦା ମିନେରାଲ ଟ୍ରକ ମାଲିକ ସଂଘ ଆପତ୍ତି ଉଠାଇଛି। ସୋମବାର ସନ୍ଧ୍ୟାରେ ସଂଘ ମୁଖ୍ୟ କାର୍ଯ୍ୟାଳୟ ଡୁବୁରୀଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସଂଘ ଏପରି ଅଭିଯୋଗ କରିଛି। ୧୯୮୪ରୁ ସୁକିନ୍ଦା ମିନେରାଲ ଟ୍ରକ୍ ମାଲିକ ସଂଘ, ପରିବହନ ସଂସ୍ଥା, ଖଣିମାଲିକଙ୍କ ସହ ଉତ୍ତମ ସମ୍ପର୍କ ରଖି କାର୍ଯ୍ୟ କରିଆସୁଛି। ହେଲେ ଗତ ୨୦ ତାରିଖରେ ଜିଲାପାଳଙ୍କ



ସୁକିନ୍ଦା ମିନେରାଲ ଟ୍ରକ ମାଲିକ ସଂଘ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀ ।

ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ନିର୍ଦ୍ଦେଶ ଫଳରେ ରାଜ୍ୟର ଯେ କୌଣସି ଗାଡି ଖଣିରେ ପ୍ରଥମେ ବୋଝେଇ ସୁଯୋଗ ପାଇବେ। ଏହି କ୍ରମରେ ସୁକିନ୍ଦା ମିନେରାଲ ସଂଘ ଅଧିନରେ ଥିବା ଗାଡିଗୁଡିକୁ ରାଜ୍ୟର ପାରାଦୀପ, ଅନୁଗୋଳ, ତାଳଚେର ଆଦି ସ୍ଥାନରେ ଥିବା ଖଣିଗୁଡିକରୁ ସୁବିଧା ମିଳିବା ଅଦକାର। ତେଣୁ ଫାଷ୍ଟ କମ ଫାଷ୍ଟ ଲୋଡିଂ କାର୍ଯ୍ୟକାରୀ କରିବା ଦିଗରେ ଜିଲାପାଳ ଟ୍ରକ ମାଲିକ ସଂଘ ସହ ଆଲୋଚନା କରି କ୍ରୋମ ଭ୍ୟାଲିରେ ଅଚଳାବସ୍ଥା ଦୂର କରିବା ଦିଗରେ ପଦକ୍ଷେପ ନେବାକୁ ସଂଘ ଜିଲାପାଳଙ୍କ ନିକଟରେ ଦାବି କରିଛି। ଖବରଦାତା ସମ୍ମିଳନୀରେ ଯୁଗ୍ମ ସମ୍ପାଦକ ବିଜୟ କୁମାର ରାଜ, ଉପ ସଭାପତି ସଞ୍ଜୟ କୁମାର ରାଉତ, ଅଭିଜିତ ଦାସ, ସୁଜିତ କୁମାର ରାଉତ, ପ୍ରଶାନ୍ତ କୁମାର ମହାରଣା, ଗୋପବନ୍ଧୁ ଦାସ, ଅଶ୍ୱନୀ କୁମାର ରାଉତ, ବିଶ୍ୱଜିତ ପାତ୍ର, ରଞ୍ଜନ କୁମାର ନାୟକ, ସଞ୍ଜୟ କୁମାର ଦେଓ ପ୍ରମୁଖ ଉପସ୍ଥିତ ଥିଲେ।

# ଟ୍ରକ୍ ମାଲିକଙ୍କ ପକ୍ଷରୁ ଖଣି ଉପ ନିର୍ଦ୍ଦେଶକଙ୍କୁ ଦାବିପତ୍ର

ଯାଜପୁର ରୋଡ,୨୬।୮ (ନି.ପ୍ର.)

ସୁକିନ୍ଦା ଖଣି ଉପତ୍ୟକାରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀକୁ କାର୍ଯ୍ୟକାରୀ କରିବା ଏବଂ ଜିଲାପାଳଙ୍କ ଦେଇଥିବା ନିର୍ଦ୍ଦେଶକୁ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ପଦ୍ଧତିରେ କାର୍ଯ୍ୟ କରିବା ସହିତ, ପରିବହନ ଗାଡି ଗୁଡିକରେ ଜିପିଏସ ଟ୍ରାକ୍ ମେଶିନ ପ୍ରତ୍ୟାହାର ଦାବିକରିବା ଦାବିରେ ବିଭିନ୍ନ ଟ୍ରକ୍ ମାଲିକଙ୍କ ପକ୍ଷରୁ ସୋମବାର ଏକ ଦାବିପତ୍ର ଯାଜପୁର ରୋଡ ଖଣି ଉପ-ନିର୍ଦ୍ଦେଶକଙ୍କ ଜରିଆରେ ଯାଜପୁର ଜିଲାପାଳଙ୍କୁ ଦିଆଯାଇଛି। ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ବ୍ୟବସ୍ଥାକୁ ବିରୋଧ କରିଆସୁଥିବା ଅସାଧୁ ମୁଷ୍ଟିମେୟ ଗୋଷ୍ଠୀ ଖଣି ଅଞ୍ଚଳରେ ଅଚଳାଅବସ୍ଥା ସୃଷ୍ଟି କରୁଛନ୍ତି। ଫଳରେ ଗତ ବୁଧବାରଠାରୁ ଅଦ୍ୟାବିଧି ଖଣିରେ ଲୋଡିଂ ସମ୍ପୂର୍ଣ୍ଣ ଅଚଳ ହୋଇଛି। ପରିବହନ ବନ୍ଦ ହେବା ଫଳରେ ଗାଡି ମାଲିକମାନେ ଆର୍ଥିକ କ୍ଷତି ସହୁଛନ୍ତି। ଏହାର ନିରାକରଣ ପାଇଁ ଜିଲାପାଳ ଦୃଷ୍ଟି ଦେବା ନିମନ୍ତେ ହୃଦାନନ୍ଦ ସାମଲ, ମାନସ ରଞ୍ଜନ ଆଏଚ, ଦିଲ୍ଲୀପ କୁମାର ମଲ୍ଲିକ, ରାଜ କିଶୋର ପ୍ରଧାନ, ଅମୀୟ ବାରିକ, ସୂର୍ଯ୍ୟମଣି ଜେନା, ସତ୍ୟବ୍ରତ ଜେନା ପ୍ରମୁଖ ବହୁ ମାଲିକ ଦାବିପତ୍ର ଦେଇଥିଲେ।

# ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ସୁକିନ୍ଦା,୨୬।୮ (ଡି.ଏନ୍.ଏ.)

ସୁକିନ୍ଦା ବ୍ଲକ ଦୁଧୁଯୋରୀ ପଞ୍ଚାୟତର ପୁବଳ ଗ୍ରାମରେ ସୋମବାର ସାପକାମୁଡାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମହିଳା ଜଣଙ୍କ ହେଲେ ତୁଳସୀ ନାୟକ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଥିଲେ। ସେଠାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରକାଶ ଯେ,ସକାଳେ ଘର କାମ କରୁଥିବାବେଳେ ତୁଳସୀଙ୍କୁ ସାପ କାମୁଡିଦେଇଥିଲା। ପରିବାରଲୋକେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।




■ ବୃଦ୍ଧା ବୟସରେ ପୁଅବୋହୂଙ୍କ ନିର୍ଯାତନା ଅଭିଯୋଗ

# ମାନବିକ ଅଧିକାର କମିଶନରଙ୍କ ଦ୍ୱାରସ୍ଥ ହେଲେ ଦମ୍ପତି

ବରୀ,୨୬।୮ (ସ୍ୱ.ପ୍ର.)

ବାର୍ଦ୍ଧକ୍ୟ ସମୟରେ ପୁଅ ବୋହୂଙ୍କ ନିର୍ଯାତନା ସହି ନ ପାରି ସୋମବାର ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅଞ୍ଚଳର ବୃଦ୍ଧା ଦମ୍ପତି ରାଜ୍ୟ ମାନବାଧିକାର କମିଶନରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପୁଅ ବୋହୂ ସେମାନଙ୍କୁ ଖାଇବାକୁ ଦେଉ ନ ଥିବାବେଳେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଛନ୍ତି। ଏପରିକି ଜୋର ଜବରଦସ୍ତ ସମ୍ପତି ଦଖଲ କରିଥିବାନେଇ ଅଭିଯୋଗ କରିଛନ୍ତି। ଏ ବିଷୟରେ ଜାଣିବା ପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ କମିଶନର ବୃଦ୍ଧା ଦମ୍ପତିଙ୍କୁ ଆଶ୍ୱସନା ଦେଇଥିବା ଜଣାପଡିଛି।
ପ୍ରକାଶ ଯେ, ବାଲିଚନ୍ଦ୍ରପୁର ଥାନା ଦେକୁଡି ଗ୍ରାମରେ ସୁପ୍ରଭା ମହାପାତ୍ର (୬୦) ଓ ସ୍ୱାମୀ ଦିଗମ୍ବର ମହାପାତ୍ର (୬୪) ରୁହନ୍ତି। ବିଭିନ୍ନ ସମୟରେ ପୁଅବୋହୂ ସେମାନଙ୍କୁ ନିର୍ଯାତନା ଦେଉଥିଲେ। ଗତ ୧୫ ତାରିଖ ରାତିରେ ଏହା ଉଗ୍ରରୂପ ନେଇଥିଲା। ବଡ ପୁଅ ବିଶ୍ୱନାଥ ଓ ତାଙ୍କ ସ୍ତ୍ରୀ ମାଡ଼ ମାରିବାରୁ ସୁପ୍ରଭାଙ୍କ ହାତ ଭାଙ୍ଗି ଯାଇଛି। ଅପରପକ୍ଷେ ଘରେ ଉଭୟଙ୍କୁ ନ ପୁରାଇବାରୁ ଗୁହାଳ ଘରେ ଦମ୍ପତି ଆଶ୍ରୟ ନେଉଛନ୍ତି। ଏ ସଂକ୍ରାନ୍ତରେ ଗତ ୧୬ ତାରିଖରେ ବାଲିଚନ୍ଦ୍ରପୁର ଥାନାରେ ସୁପ୍ରଭା ଅଭିଯୋଗ କରିଥିଲେ ବି ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରି ନାହିଁ। କିନ୍ତୁ ଥାନାର ଜଣେ ମହିଳା କନଷ୍ଟେବଳ ଘଟଣାକୁ ରଫାଦଫା କରି ଦେବାପାଇଁ ବାଧ କରୁଥିବା ସୁପ୍ରଭା ଅଭିଯୋଗରେ ଦର୍ଶାଇଛନ୍ତି। ଏ ନେଇ ବାଲିଚନ୍ଦ୍ରପୁର ଥାନା ଅଧିକାରୀ ସୁକାନ୍ତ କୁମାର ପାତ୍ରଙ୍କୁ, ପଚାରିବାରୁ ଦମ୍ପତିଙ୍କର ଅଭିଯୋଗ ମିଳିଛି। ଏଥି ସହିତ ପୁଅ ବୋହୂଙ୍କ ଅଭିଯୋଗ ମଧ ମିଳିଛି। ପୁଅ ବୋହୂଙ୍କ ଅଭିଯୋଗକୁ ଭିତ୍ତି କରି ଏକ ମାମଲା ( ନଂ. ୧୯୭/୧୯) ରୁଜୁ ହୋଇଥିଲାବେଳେ ସୁପ୍ରଭାଙ୍କ ଅଭିଯୋଗ ଆଧାରରେ ( ନଂ. ୨୦୪/୧୯) ରୁଜୁ କରାଯାଇଛି। ଏ ବାବଦରେ ଜଣେ ମହିଳା କନଷ୍ଟେବଳଙ୍କୁ ବୁଝିବାକୁ ପଠାଯାଇଥିଲା। ତେବେ ସେ ରଫାଦଫା କଥା କହିଥିବା ବିଷୟରେ ଅବଗତ ନାହାନ୍ତି ବୋଲି କହିଥିଲେ।

# ନାବାଳିକା ଉଦ୍ଧାର, ଅପହର୍ତ୍ତା ଟ୍ରକ୍ ଡ୍ରାଇଭର ଗିରଫ

କଳିଙ୍ଗନଗର,୨୬।୮ (ଡି.ଏନ୍.ଏ.)

ଦାନଗଦୀ ବ୍ଲକ ଅଞ୍ଚଳରୁ ଅପହରଣ ହୋଇଥିବା ଜଣେ ନାବାଳିକାଙ୍କୁ ଦାନଗଦୀ ଆଉଟ୍‌ପୋଷ୍ଟ ପୋଲିସ୍ ରବିବାର ବିଳମ୍ବିତ ରାତିରେ ଢେଙ୍କାନାଳ ଅଞ୍ଚଳରୁ ଉଦ୍ଧାର କରିଛି। ଏଥିସହ ଅପହରଣକାରୀ ଯୁବକଙ୍କୁ ବ୍ରାହ୍ମଣିପାଳରୁ ସୋବାର ଗିରଫ କରିଛି । ଗିରଫ ଯୁବକ ଜଣଙ୍କ ଢେଙ୍କାନାଳ ଜିଲା ମଠନୂଆଗାଁର ମନୋଜ ପାତ୍ର (୨୦)। ପ୍ରକାଶ ଯେ, ମନୋଜ ଦାନଗଦୀ ବ୍ଲକ ଅଞ୍ଚଳର ଉକ୍ତ ନାବାଳିକାଙ୍କ ଗ୍ରାମରେ ଟ୍ରକ୍ ଡ୍ରାଇଭର ଭାବେ କାମ କରୁଥିଲେ। ଗତ ୨୦୧୮ ଡିସେମ୍ବର ୧୦ ତାରିଖରେ ଉକ୍ତ ନାବାଳିକାଙ୍କୁ ଅପହରଣ କରି ନେଇଥିଲେ। ଏ ନେଇ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ. ୩୦୨/୨୦୧୮) ରୁଜୁକରି ତଦନ୍ତ ଚଳାଇଥିଲା। ଅପହରଣ କରିବା ପରେ ମନୋଜ ନାବାଳିକାଙ୍କୁ ମହାରାଷ୍ଟ୍ର ନେଇ ପଳାଇଥିଲା। କିଛିଦିନ ହେବ ଗ୍ରାମକୁ ଫେରିଥିଲେ। ନାବାଳିକାଙ୍କୁ ମନୋଜ ନିଜ ଘରେ ଛାଡିଦେଇ ଗାଡି ଚଳାଇବା ଉଦ୍ଦେଶ୍ୟରେ କେନ୍ଦୁଝର ଜିଲାର ବ୍ରାହ୍ମଣୀପାଳକୁ ଆସିଥିଲେ। ଏହା ଖବର ପାଇ ଯାଜପୁର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଦାନଗଦୀ ଆଉଟ୍‌ପୋଷ୍ଟ ଅଧିକାରୀ ଗୋବର୍ଦ୍ଧନ ନାୟକ ଏକ ଟିମ୍ ସହ ଢେଙ୍କାନାଳ ଯାଇ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ପରେ ମୋବାଇଲ ଫୋନକୁ ଟ୍ରାକ୍ କରି ବ୍ରାହ୍ମଣିପାଳରୁ ମନୋଜଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲେ। ସୋମବାର ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଛି। ନାବାଳିକାଙ୍କୁ ସ୍ୱଧାର ବାଳାଶ୍ରମରେ ଛାଡାଯାଇଛି।




# ତଳିଆ ଅଞ୍ଚଳ ସ୍ଥିତି ଉପରେ ନଜର


ତଳି ଅଞ୍ଚଳରେ ଜଳକା ନଦୀର ବନ୍ୟା ଜଳ।

ବାଲେଶ୍ୱର ଅଫିସ/ବସ୍ତା,୨୬।୮ (ସ୍ୱ.ପ୍ର.)

ବାଲେଶ୍ୱର ଜିଲାର ବସ୍ତା ଅଞ୍ଚଳ ଦେଇ ପ୍ରବାହିତ ଜଳକା ନଦୀରେ ଜଳସ୍ତର ବିପଦସଙ୍କେତ ଉପରେ ପ୍ରବାହିତ ହେଉଛି। ନଦୀ ତଳମୁଣ୍ଡର ବିଭିନ୍ନ ସ୍ଥାନରେ ନଦୀବନ୍ଧ ଦୁର୍ବଳ ଥିବାରୁ ଏହା ଅଞ୍ଚଳବାସୀଙ୍କ ମନରେ ଛନକା ସୃଷ୍ଟି କରିଛି। ପ୍ରଶାସନ ପକ୍ଷରୁ ଦୁର୍ବଳ ନଦୀବନ୍ଧ ଉପରେ ସତର୍କ ଦୃଷ୍ଟି ରଖାଯାଇଛି। ମଥାନୀ ନିକଟରେ ନଦୀର ବିପଦ ସଂକେତ ୫.୫୦ ମିଟର ଥିବାବେଳେ ସୋମବାର ସନ୍ଧ୍ୟା ୭ଟା ବେଳେ ବନ୍ୟାଜଳ

### ବିପଦ ସଙ୍କେତ ଉର୍ଦ୍ଧ୍ୱରେ ଜଳକା

୬.୪୨ ମିଟରରେ ପ୍ରବାହିତ ହେଉଥିଲା। ବାହାର୍ଦ୍ଧା ପଞ୍ଚାୟତର ଶିବଗୋଡିଆ ଠାରେ ନଦୀ ବନ୍ଧ ଦୁର୍ବଳ ଥିବା ଯୋଗୁଁ ସେଠାରେ ତତ୍କାଳ ଭିତ୍ତିରେ ବାଲି ବସ୍ତା ପକାଯାଇଛି। ଜିଲା ଜରୁରୀକାଳୀନ ଅଧିକାରୀ ଅଭୟ କୁମାର ନାୟକ କହିଛନ୍ତି, ଜଳକା ନଦୀରେ ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଥିଲେ ମଧ ଦୀର୍ଘ ୭ଘଣ୍ଟା ଧରି ଏହା ସ୍ଥିର ରହିଛି। ଅଳ୍ପ କେତେକ ଅଞ୍ଚଳରେ ବନ୍ୟା ଜଳ ଚାଷଜମି ଓ ତଳି ଅଞ୍ଚଳରେ ପ୍ରବେଶ କରିଛି। ସୋମବାର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ବନ୍ୟାଞ୍ଚଳ ପରିଦର୍ଶନ କରି ଫେରିଛନ୍ତି । ସମ୍ଭାବ୍ୟ ବନ୍ୟାକୁ ଆଖି ଆଗରେ ରଖି ପ୍ରଶାସନ ପକ୍ଷରୁ ସ୍ଥାନୀୟ ତହସିଲଦାର ନରେନ୍ଦ୍ର ଖମାରୀ ଓ ବିଡ଼ିଓ କୁକୁମିନା ଦାସଙ୍କୁ ସ୍ୱତନ୍ତ୍ର ଭାବରେ ଦାୟିତ୍ୱ ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ଏନ୍‌ଡ଼ିଆର୍‌ଏଫ୍ ଟିମ୍ ସହ ବୋଟ୍, ଶୁଖିଲା ଖାଦ୍ୟ ଚୁଡ଼ା, ଗୁଡ଼, ବିସ୍କୁଟ୍, କିରୋସିନ ଏବଂ ଔଷଧ ଭଳି ଅତ୍ୟାବଶ୍ୟକ ଜିନିଷ ମହଜୁଦ ରଖାଯାଛି।

■ ଶାଶୁଘର ଲୋକଙ୍କ ନିର୍ଯାତନାରେ ଅତିଷ୍ଠ

# ୨୧ ଦିନର ଶିଶୁକୁ ଧରି ଥାନାର ଦ୍ୱାରସ୍ଥ ହେଲେ ମହିଳା

ରସୁଲପୁର,୨୬।୮ (ଡି.ଏନ୍.ଏ.)

ରସୁଲପୁର ବ୍ଲକ ରାଜେନ୍ଦ୍ରପୁର ପଞ୍ଚାୟତ କରଜଙ୍ଗା ଗ୍ରାମର ଅକ୍ଷୟ କୁମାର ଦ୍ୱିବେଦୀ ତାଙ୍କ ସ୍ତ୍ରୀ ଚିଲିକାରାଣୀଙ୍କୁ ପରିବାର ଲୋକଙ୍କ ସହ ମିଶି ନିର୍ଯାତନା ଦେଉଥିବା ନେଇ ରବିବାର ସେ ତାଙ୍କ ୨୧ ଦିନର ଛୁଆକୁ କୋଳରେ ଧରି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ସୋମବାର ଏକ ମାମଲା ( ନଂ-୨୧୨/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ଯାଜପୁର ସଦର ଥାନା ବେରୁଣ୍ଡା ପଞ୍ଚାୟତ ଆମ୍ପର ଗ୍ରାମର ଶ୍ୟାମସୁନ୍ଦର ମିଶ୍ରଙ୍କ ଝିଅ ଚିଲିକାରାଣୀଙ୍କୁ ଦେଢବର୍ଷ ତଳେ କୁଆଖିଆ ଥାନା ରାଜେନ୍ଦ୍ରପୁର ପଞ୍ଚାୟତ କରଜଙ୍ଗା ଗ୍ରାମର କୁଶ ଦ୍ୱିବେଦୀଙ୍କ ପୁଅ ଅକ୍ଷୟ ବିବାହ କରିଥିଲେ। ଅକ୍ଷୟଙ୍କର କୌଣସି ରୋଜଗାର ନ ଥିବାରୁ ଅନେକ ସମୟରେ ଘରେ କଳିଝଗଡା ହେଉଥିଲା। ଅକ୍ଷୟ ବାରମ୍ବାର ଚିଲିକାଙ୍କୁ ମାଡ ମାରୁଥିଲେ। ହେଲେ ମାର୍ଚ୍ଚ,୨୦୧୮ରେ ଚିଲିକାଙ୍କୁ ତାର ଶାଶୁ ରାଜଲକ୍ଷ୍ମୀ, ସ୍ୱାମୀ ଅକ୍ଷୟ ମାଡ ମାରିବା ସହ କିରୋସିନ ଢାଳି ଜାଳି ଦେବାକୁ ଉଦ୍ୟମ କରିଥିଲେ। ଏ ସମ୍ପର୍କରେ ଚିଲିକା କୁଆଖିଆ ଥାନାରେ ଅଭିଯୋଗ କରିଥିଲେ । ପରେ ପୋଲିସ ଘଟଣାରେ ହସ୍ତକ୍ଷେପ କରି ମାମଲାକୁ ଆପୋଷ ସମାଧାନ କରି ଛାଡି ଦେଇଥିଲେ। ଏହାସତ୍ତ୍ୱେ ଶାଶୁ ଘର ଲୋକେ ତାଙ୍କ ନିର୍ଯାତନା ଦେଇ ଆସୁଥିଲେ। କିଛିଦିନ ତଳେ ଯାଜପୁର ରୋଡ ନିକଟସ୍ଥ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅସ୍ତ୍ରୋପଚାର ପରେ ଚିଲିକା ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ଗତ ୨୪ତାରିଖରେ ଏକଉସିଆ ଥିଲା। ଶଳା ଦେବରାଜ ଏକଉସିଆ ପାଇଁ ସାମଗ୍ରୀ ନେଇ ଘରକୁ ଯାଇଥିଲେ। ଏହି ସମୟରେ ଶାଶୁଘର ଲୋକେ ଭଉଣୀ ଚିଲିକାଙ୍କୁ ମାଡ଼ ମାରୁଥିବା ଦେଖିଥିଲେ। ଏଥିରେ ଭାଇ ହସ୍ତକ୍ଷେପ କରିବାରୁ ଭିଣୋଇ ଓ ତାଙ୍କ ପରିବାର ଲୋକେ ମାଡ ମାରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଫଳରେ ଭଉଣୀ ଓ ଭାଇ ସେଠାରୁ ଆସି ଥାନାରେ ପୁନର୍ବାର ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଶାଶୁଘର ଲୋକଙ୍କ ମାଡରେ ଚିଲିକାଙ୍କ ଅବସ୍ଥା ଶୋଚନୀୟ ହୋଇପଡିଛି। ସେ ଏବେ ଚିକିତ୍ସାଧୀନ ଥିବା ଜଣାପଡିଛି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଭୁଲ୍‌ଟା ବୁଝିବା ମାତ୍ରେ ଲଜ୍ଜିତ ହୋଇଯିବା ଭଳି ସଦ୍‌ଗୁଣ ଆଉ କିଛି ନାହିଁ ।
- ଡାୟୋଜିନିସ୍



ଧରିତ୍ରୀର ୨୬।୮।୨୦୧୯ (ସୋମବାର) ଯାଜପୁର ସଂସ୍କରଣର ୯ମ ପୃଷ୍ଠାରେ ପ୍ରକାଶିତ 'ଦଖଲ ଜଙ୍ଗଲ ଜମିକୁ ଅଣଜଙ୍ଗଲରେ ପରିବର୍ତ୍ତନ ମାମଲା, ଟାଟା ଷ୍ଟିଲ ଗ୍ରାମସଭାକୁ ନେଇ ତେଜୁଛି ବିରୋଧ' ଶୀର୍ଷକ ଖବର ୩ ବର୍ଷ ତଳର। ୧୪।୪।୨୦୧୬ ତାରିଖରେ ଏହି ଖବର ପ୍ରକାଶିତ ହୋଇଥିଲା। ତେବେ କମ୍ପ୍ୟୁଟରୀକରଣ ତ୍ରୁଟି ଯୋଗୁ ଏହା ପୁଣିଥରେ ପ୍ରକାଶିତ ହୋଇଯାଇଛି। ଏଭଳି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

–ଜିଲା ପ୍ରତିନିଧି

## ସୁକିନ୍ଦା ଖଣି ଅଞ୍ଚଳରେ ଅଶାନ୍ତି ବଳବତ୍ତର

# ସଙ୍କଟରେ ଶ୍ରମିକ, ବ୍ୟବସାୟୀଙ୍କ ଭବିଷ୍ୟତ

**କଳିଙ୍ଗନଗର ଶିଳ୍ପାଞ୍ଚଳ ପ୍ରଭାବିତ**

- ସରକାର, ଲୋକପ୍ରତିନିଧି, ଜିଲା ପ୍ରଶାସନ ନୀରବ

ଯାଜପୁର ଅଫିସ/କାଳିଆପାଣି (ଡି.ଏନ.ଏ.),୨୬।୮

ଯାଜପୁର ଜିଲା ରତ୍ନଗର୍ଭା ସୁକିନ୍ଦା ଖଣି ଅଞ୍ଚଳରେ ସପ୍ତାହେ ହେଲା ପରିବହନକୁ ନେଇ ସୃଷ୍ଟି ହୋଇଥିବା ଅଶାନ୍ତି ପ୍ରଶମିତ ହୋଇପାରି ନାହିଁ। ଏହାଦ୍ୱାରା ପରିବହନରେ ସମ୍ପୃକ୍ତ ଶତାଧିକ ଟ୍ରକ ମାଲିକ ଓ ଖଣି ଅଞ୍ଚଳରେ ଛୋଟ ବଡ ବ୍ୟବସାୟ କରି ଚଳୁଥିବା ପରିବାରବର୍ଗଙ୍କ ଦାନାପାଣି ସଙ୍କଟରେ ଗତି କରୁଛି। ଏଥିଯୋଗୁ କଳିଙ୍ଗନଗର ଶିଳ୍ପାଞ୍ଚଳରେ କଞ୍ଚାମାଲର ମଧ୍ୟ ଘୋର ଅଭାବ ପରିଲକ୍ଷିତ ହୋଇଛି। ଭିସା ଷ୍ଟିଲ, ରୋହିତ ଫେରୋଟେକ, ଯାଜଦାନୀ କମ୍ପାନୀ ପ୍ରଭାବିତ ହୋଇଛି। ଏହା ସୁଯୋଗରେ କମ୍ପାନୀଗୁଡିକ ଶ୍ରମିକଙ୍କୁ ଛଟେଇ କରୁଛନ୍ତି। ଆଗକୁ ବହୁ ଛୋଟବଡ କମ୍ପାନୀରେ ତାଲା ପଡ଼ିବାର ସମ୍ଭାବନା ସୃଷ୍ଟି ହୋଇଛି। କହିବା ବାହୁଲ୍ୟ ଯେ, କେତେକ ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀଙ୍କ ଲାଭଖୋର ମନୋବୃତ୍ତି ଯୋଗୁ ଖଣି ଓ ଶିଳ୍ପାଞ୍ଚଳର ପ୍ରାୟ ୨୦ ହଜାର ଶ୍ରମିକଙ୍କ ଭାଗ୍ୟ ସୂତାଖିଅରେ ଝୁଲୁଛି। ବିଡମ୍ବନା ଯେ, ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ସମେତ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ମଧ୍ୟ ଜାଣିଶୁଣି ନୀରବଦ୍ରଷ୍ଟା ସାଜିଛନ୍ତି।

କର୍ମଚାରୀ, ଶ୍ରମିକ, ଗାଡ଼ି ମାଲିକ ତଥା ସାଧାରଣ ଲୋକଙ୍କ ବିଭିନ୍ନ ସମସ୍ୟାର ସମାଧାନ ଲାଗି ସଂଘ ଗଠିତ ହୋଇଥାଏ। କିନ୍ତୁ ଖଣି ଅଞ୍ଚଳରେ କାର୍ଯ୍ୟ କରୁଥିବା ଶ୍ରମିକ ସଂଘର ଓଲଟା କାର୍ଯ୍ୟ ଏଠାରେ ଏଠାରେ ଦେଖିବାକୁ ମିଳିଛି। ହାଇକୋର୍ଟର ନିର୍ଦ୍ଦେଶ ଫାଷ୍ଟ କମ୍ ଫାଷ୍ଟ ଲୋଡ ନିୟମକୁ ଉଲ୍ଲଂଘନ କରାଯାଇଥିବାବେଳେ ପ୍ରଶାସନର ପରାମର୍ଶକୁ ମଧ୍ୟ କେହି ମାନୁ ନାହାନ୍ତି। ଫଳରେ ସୁକିନ୍ଦା ଖଣି ଅଞ୍ଚଳରେ ଅଚଳାବସ୍ଥା ସୀମା ଲଂଘିଛି। ଖଣି ଅଞ୍ଚଳରେ ପରିବହନ କ୍ଷେତ୍ରରୁ ବାର୍ଷିକ ୧୫୦ରୁ ୨୦୦ କୋଟି ଟଙ୍କା ବିଭିନ୍ନ ଉପାୟରେ ଆଦାୟ ହେଉଛି । ଯାହାକି ଶ୍ରମିକ ସଂଘ ଓ ଟ୍ରକ ମାଲିକ ସଂଘର କର୍ମକର୍ତ୍ତାଙ୍କ ମାଧ୍ୟମରେ ଶାଖା ମୁଣ୍ଡିଆଳଙ୍କ ଦ୍ୱାରା ଏହି ଅର୍ଥ ଆଦାୟ କରାଯାଇଥାଏ। ତଳସ୍ତରରେ ଭାଗବଣ୍ଟା ହେଉଥିବା ସିଂହଭାଗ ଅର୍ଥ ଜଣେ ପ୍ରଭାବଶାଳୀଙ୍କ ପକେଟକୁ ଯାଇଥାଏ। ତେବେ ଏହାକୁ ବିରୋଧ କରି କେତେକ ଟ୍ରକ ମାଲିକ ହାଇକୋର୍ଟର ଦ୍ୱାରସ୍ଥ ହୋଇ ଫାଷ୍ଟ କମ୍ ଫାଷ୍ଟ ଲୋଡ ନିୟମ ପ୍ରଚଳନ କରିବାକୁ ଅନୁରୋଧ କରିଥିଲେ। ହାଇକୋର୍ଟ ମଧ୍ୟ ଏହି ନିୟମକୁ ସ୍ୱୀକୃତି ଦେଇ ଜିଲା ପ୍ରଶାସନକୁ ଏହା କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହିକ୍ରମରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରିବାକୁ ଅଗଷ୍ଟ ୨୦ରେ ଜିଲାପାଳ ରଞ୍ଜନ କୁମାର ଦାସ ସମ୍ପୃକ୍ତ ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ହେଲେ ଆଜକୁ ୭ଦିନ ବିତିଯାଇଥିଲେ ମଧ୍ୟ ଉକ୍ତ ନିୟମ କାର୍ଯ୍ୟକାରୀ କରିବାକୁ କାହାରି ସାହାସ ହୋଇପାରୁ ନାହିଁ। ଏହା ପଛରେ ଜଣେ ପ୍ରଭାବଶାଳୀ ରାଜନେତାଙ୍କ ହାତ ରହିଥିବା ଚର୍ଚ୍ଚା ହେଉଥିଲେ ହେଁ କେହି ଆବଶ୍ୟକ ପଦକ୍ଷେପ ନେବାକୁ ଆଗଭର ହେଉନାହାନ୍ତି। ଫଳରେ ହାଇକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାରେ କେହି ଆନ୍ତରିକତା ଦେଖାଉ ନ ଥିବା ଆଲୋଚନା ହେଉଛି। କ୍ରୋମାଇଟ ଖଣି ଅଞ୍ଚଳରେ ପ୍ରତିଦିନ ୬ ଚକିଆ ହଜାରେରୁ ଊର୍ଦ୍ଧ୍ୱ ଏବଂ ୧୦, ୧୨ ଓ ୧୪ ଚକିଆ ଟ୍ରକ ୨୦୦ରୁ ଊର୍ଦ୍ଧ୍ୱ ଲୋଡିଂ ନେଉଛନ୍ତି । ପ୍ରତି ୬ ଚକିଆ ଟ୍ରକରୁ ୫୫୦ ଟଙ୍କା ଲେଖାଏଁ ଏବଂ ୧୦, ୧୨ ଓ ୧୪ ଚକିଆ ଟ୍ରକରୁ ୧୩୦୦ରୁ ୧୫୦୦ ଟଙ୍କା ଲେଖାଏଁ ଆଦାୟ କରାଯାଉଛି। ଅର୍ଥାତ ମାସିକ ପ୍ରାୟ ୨୫୦କୋଟି ଟଙ୍କା ଏଠାରେ ଆଦାୟ ହେଉଛି। ହାଇକୋର୍ଟଙ୍କ ଫାଷ୍ଟ କମ୍ ଫାଷ୍ଟ ଲୋଡ ନିୟମ କାର୍ଯ୍ୟକାରୀ ହେଲେ ଏହି ବ୍ୟାପକ ପରିମାଣର ଅର୍ଥ ଆଦାୟ ବନ୍ଦ ହୋଇଯିବ। ତେଣୁ ଯେଉଁମାନେ ଏହାର ଲାଭ ପାଉଛନ୍ତି, ସେମାନେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ ବାଧା ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି। ଏହାକୁ ପୋଲିସ ମଧ୍ୟ ପରୋକ୍ଷରେ ସହଯୋଗ କରୁଛି। ନଚେତ୍ ଟ୍ରକ ଭଙ୍ଗାରୁଜା ନେଇ ଅଭିଯୋଗ ହୋଇଥିବା ଅଭିଯୁକ୍ତଙ୍କୁ ଏଯାଏ ପୋଲିସ ଗିରଫ କରିସାରନ୍ତା। ଏହି ମର୍ମରେ ସୋମବାର କୁହିକା, ସୁକିନ୍ଦା, ଯାଜପୁର, ଚଣ୍ଡିଖୋଲ ଅଞ୍ଚଳର ଶତାଧିକ ଟ୍ରକ ମାଲିକ ଯାଜପୁରରୋଡ ଜିଲା ଖଣି ଅଧିକାରୀଙ୍କୁ ଭେଟି ତୁରନ୍ତ ଖଣି ଅଞ୍ଚଳରେ ପରିବହନ ପୁନଃ ଆରମ୍ଭ କରିବା ସହ ଫାଷ୍ଟ କମ୍ ଫାଷ୍ଟ ଲୋଡ ନିୟମ ଲାଗୁ କରିବାକୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଏ ସଂକ୍ରାନ୍ତରେ ଜିଲା ଖଣି ଅଧିକାରୀ ଅସିତ୍ କୁମାର ବେହେରାଙ୍କୁ ପଚାରିବାରୁ, ଏ ସଂକ୍ରାନ୍ତରେ ସମସ୍ତ ଖଣି କର୍ତ୍ତୃପକ୍ଷଙ୍କୁ ଫାଷ୍ଟ କମ୍ ଫାଷ୍ଟ ଲୋଡ ନିୟମ ଲାଗୁ କରିବାକୁ ପତ୍ର ମାଧ୍ୟମରେ ସୂଚିତ କରାଯାଇଛି। ଏନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି କହିଛନ୍ତି।

## ଦୁର୍ଘଟଣାରେ ବୃଦ୍ଧଙ୍କ ମୃତ୍ୟୁ

ବିଞ୍ଝାରପୁର,୨୬।୮(ଡି.ଏନ.ଏ)

ବିଞ୍ଝାରପୁର ଥାନା ଯାଜପୁର–ସିଂହପୁର ମୁଖ୍ୟରାସ୍ତାର ଉଲିମଠ ଛକଠାରେ ରବିବାର ରାତିରେ ଏକ ବାଇକ ଦୁର୍ଘଟଣାରେ ନାଉପାଳ ଗ୍ରାମର ୬୨ବର୍ଷୀୟ ରାଘବ ଯେନାଙ୍କ ମୃତ୍ୟୁ ଘଟିଛି। ଖବରମୁତାବକ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଫତେପୁର ଗ୍ରାପ ନାଉପାଳ ଗ୍ରାମର ରାଘବ ବାଲମୁକୁଳି ବଜାରକୁ ଚାଲିଚାଲି ଯାଉଥିବାବେଳେ ସାମ୍ନାପଟୁ ଏକ ବାଇକ୍ (ଓଡ୍ଡ୍ସ୍ସ୍ବି ୦୭ବିଝ୧୩୬) ନେଇ ଆସୁଥିବା ନଛିପୁର ଗ୍ରାମର ଧନିଆ ବିଶ୍ୱାଳ(୨୨) ତାଙ୍କୁ ଧକ୍କା ଦେଇଥିଲେ। ଘଟଣାସ୍ଥଳରେ ରାଘବଙ୍କ ଛାତି ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ଚେତାଶୂନ୍ୟ ଅବସ୍ଥାରେ ସ୍ଥାନୀୟ ଲୋକ ତାଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ରାଘବଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ କଟକରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ରାତି ୩ଟାରେ ରାଘବଙ୍କ ମୃତ୍ୟୁ ଘଟିଥିବା ନେଇ ରାଘବଙ୍କ ପୁଅ କାହ୍ନୁ ଯେନା ଥାନାରେ ଅଭିଯୋଗ କରିଛନ୍ତି। ବିଞ୍ଝାରପୁର ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ଉପଦେଷ୍ଟାଙ୍କୁ ସମ୍ବର୍ଦ୍ଧନା

**ଚଣ୍ଡିଖୋଲ,୨୬।୮(ଡି.ଏନ.ଏ):** ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଜନ୍ମେଜୟ ଲେଙ୍କାଙ୍କୁ ମୁଖ୍ୟମନ୍ତ୍ରୀ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିର ଉପଦେଷ୍ଟା ଭାବେ ଦାୟିତ୍ୱ ଦେବା ପରେ ସେ ସୋମବାର ପ୍ରସିଦ୍ଧ ଶୈବପୀଠ ମହାବିନାୟକ ମନ୍ଦିର ଯାଇ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ପୂଜା ସାରି ଆସିବା ପରେ ଚଣ୍ଡିଖୋଲସ୍ଥିତ ପୂର୍ତ୍ତ ବଙ୍ଗଳା ପରିସରରେ ଦଳୀୟ କର୍ମୀମାନେ ଲେଙ୍କାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଦଳୀୟ କର୍ମୀମାନେ ଏକ ମୋଟର ସାଇକେଲ ଶୋଭାଯାତ୍ରାରେ ତାଙ୍କୁ ପୂର୍ତ୍ତ ବଙ୍ଗଳାକୁ ପାଛୋଟି ଆଣିଥିଲେ। ଏହି ଅବସରରେ ଯୁବନେତା ନିରଞ୍ଜନ ବିଶ୍ୱାଳଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜିତ ହୋଇଥିଲା। ସେଥିରେ ଲେଙ୍କା ବଡ଼ଚଣାରେ ଥିବା ପୁରାତନ କଳା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଉଜ୍ଜୀବିତ କରିବା ସହିତ ବିଶ୍ୱ ପ୍ରସିଦ୍ଧ ବୌଦ୍ଧ କିର୍ତ୍ତୀରାଜି ଲଳିତଗିରି, ଉଦୟଗିରି ଓ ରତ୍ନଗିରିର ବିକାଶକୁ ପ୍ରାଥମିକତା ଦେବେ ବୋଲି ପ୍ରକାଶ କରିଥିଲେ। ଜିଲାରେ ଥିବା ପର୍ଯ୍ୟଟନ ସ୍ଥଳଗୁଡ଼ିକର ପୁନରୁଦ୍ଧାର ସହ ଆଧୁନିକୀକରଣ ପାଇଁ ଚେଷ୍ଟା ଜାରୀ ରହିବ। ଏହା ସହ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ପାରିପାର୍ଶ୍ୱିକ ବ୍ୟବସ୍ଥା ଉନ୍ନତମାନର କରାଯିବ ବୋଲି କହିଥିଲେ। ଏହି ସଭାରେ ପୂର୍ବତନ ବ୍ଲକ ଅଧକ୍ଷ ପ୍ରହ୍ଲାଦ ନନ୍ଦ, ରାଧାଦେଇପୁର ସରପଞ୍ଚ ଆଶିଷ ରଞ୍ଜନ ଚୌଧୁରୀ, ଯୁବନେତା ସଞ୍ଜୟ ଖୁଣ୍ଟିଆ, ସତ୍ୟ ପ୍ରକାଶ ନନ୍ଦ, ଅଭୟ ରାଉଳ, ଚନ୍ଦ୍ରକାନ୍ତ ପ୍ରଧାନ, ଧନେଶ୍ୱର ବେହେରା, ସତ୍ୟରଞ୍ଜନ ନନ୍ଦ, ବିଧାନ ସାମନ୍ତରାୟ ପ୍ରମୁଖ ଲେଙ୍କାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ବିଳମ୍ବରେ ଆସିଲେ ଜିଲାପାଳ, ଏସ୍‌ପି

# ଘଣ୍ଟାଏରେ ଅଭିଯୋଗ ଶୁଣାଣି ଶେଷ

ରସୁଲପୁର,୨୬।୮(ଡିଏନଏ)

ରସୁଲପୁର ବ୍ଲକରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଜିଲାପାଳ ଓ ଏସ୍‌ପି ବିଳମ୍ବରେ ଆସିବାରୁ ଅସନ୍ତୋଷ ଦେଖାଦେଇଥିଲା। ମାତ୍ର ଦେଢ଼ଘଣ୍ଟାରେ ଶୁଣାଣି ଶେଷ ହୋଇଯାଇଥିଲା। ଅଭିଯୋଗ ଶୁଣାଣି ଶିବିର ସହ କୃଷି ସମସ୍ୟା ସମାଧାନ ଶିବିରକୁ ଯୋଡ଼ା ଯାଇଥିଲା। ମାତ୍ର ଏ ଦିଗରେ ଗୋଟିଏ ହେଲେ ଅଭିଯୋଗ ଆସି ନ ଥିଲା ବୋଲି ରସୁଲପୁର ବ୍ଲକ ସହକାରୀ କୃଷି ଅଧିକାରୀ ଭାଗ୍ୟଧର ସାହୁ ପ୍ରକାଶ କରିଛନ୍ତି।

ପୂର୍ବ କାର୍ଯ୍ୟସୂଚୀ ମୁତାବକ ସୋମବାର ରସୁଲପୁର ବ୍ଲକରେ ଅଭିଯୋଗ ଶୁଣାଣି ଶିବିର ପାଇଁ ପ୍ରସ୍ତୁତି ହୋଇଥିଲା। ସକାଳ ୧୦ଟାରେ ରସୁଲପୁର ପଞ୍ଚାୟତ ସମିତି ଅଧକ୍ଷା ଆସି ଶିବିରରେ ପହଞ୍ଚି ଥିଲେ। ଏଥିସହ ଯାଜପୁର ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ରସୁଲପୁର ବିଡିଓ ଉମାକାନ୍ତ ପରିଡ଼ା, କୁଆଖିଆ ଥାନାଧିକାରୀ ମନୋଜ କୁମାର ସ୍ୱାଇଁ ପ୍ରମୁଖ ପହଞ୍ଚିଥିଲେ। ମାତ୍ର ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରୁ ଆସିଥିବା ଅଭିଯୋଗକାରୀମାନେ ଜିଲାପାଳ ଓ ଏସ୍‌ପିଙ୍କୁ ଅପେକ୍ଷା କରି ରହିଥିଲେ। ପୂର୍ବରୁ ଶିବିର ସ୍ଥଳରେ ଅଧକ୍ଷା ଜେନା ଓ ଏଡିଏମ୍‌ଓ କାହ୍ନୁଚରଣ ନାୟକ ଉପସ୍ଥିତ ଥିଲେ। ଉପଜିଲାପାଳ ଶିବିର ସ୍ଥଳକୁ ଆସି ଅଭିଯୋଗ ଶୁଣାଣି କରିଥିଲେ। ଉପଜିଲାପାଳଙ୍କ ସମ୍ମୁଖରେ ଅଭିଯୋଗକାରୀଙ୍କ ଲମ୍ବାଧାଡ଼ି ଲାଗିଥିଲା। ଏହାପରେ ଜିଲାସ୍ତରୀୟ ଅଧିକାରୀ ଯଥା ଡେପୁଟି କଲେକ୍ଟର ପ୍ରଜ୍ଞା ହୋତା, ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ କୁମାର ବେହେରା, ମିହିର କୁମାର ମହାନ୍ତି ପ୍ରମୁଖ ପହଞ୍ଚି ଥିଲେ। ଜିଲାପାଳ ରଞ୍ଜନ କୁମାର ଦାସ ନିର୍ଦ୍ଧାରିତ ସମୟର ଘଣ୍ଟାଏ ବିଳମ୍ବରେ ଓ ଏସ୍‌ପି ଚରଣ ସିଂ ମୀନା ଦେଢଘଣ୍ଟା ବିଳମ୍ବରେ ପହଞ୍ଚି ଥିଲେ। ଜିଲାପାଳ ଦେଢ ଘଣ୍ଟା ଓ ଏସ୍‌ପି ୧ଘଣ୍ଟା ପାଇଁ ଶିବିରରେ ରହିବା ପରେ ଚାଲିଯାଇଥିଲେ। ଏହାପରେ ଅନ୍ୟ ଅଧିକାରୀମାନେ ମଧ୍ୟ ଶିବିର ଛାଡି ଚାଲି ଯାଇଥିଲେ। ଅପରପକ୍ଷେ ଅଭିଯୋଗ ପ୍ରକୋଷ୍ଠରେ ବ୍ୟାନରଟିଏ ଲାଗି ନ ଥିଲା। ଶିବିର ସମ୍ପର୍କରେ ବ୍ୟାପକ ପ୍ରଚାର ପ୍ରସାର ହୋଇ ନ ଥିବାରୁ ରସୁଲପୁର ଭଳି କୃଷି ପ୍ରଧାନ ଅଞ୍ଚଳରୁ ଜଣେ ହେଲେ ଚାଷୀ ଅଭିଯୋଗ କରିବାକୁ ଆସି ନ ଥିବା ମତ ପ୍ରକାଶ ପାଉଛି। ଶିବିରକୁ ମୋଟ ୧୬୫ଟି ଅଭିଯୋଗ ଆସିଥିବା ନେଇ ପଞ୍ଜୀକରଣରୁ ଜଣାପଡିଛି। ବ୍ୟକ୍ତିଗତ ଭାବେ ୧୪୯ଜଣ, ସାମୂହିକ ୧୧ଜଣଙ୍କ ପକ୍ଷରୁ ଅଭିଯୋଗ ଆସିଛି। ସେଥିରୁ ୭୧ଟି ସମସ୍ୟାକୁ ତତ୍କାଳ ସମାଧାନ କରାଯାଇଛି। ୧୫ଜଣଙ୍କ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଜଣେ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ଦିଆଯାଇଥିବା ଜଣାଯାଇଛି । ଏ ସମ୍ପର୍କରେ ଜିଲାପାଳଙ୍କ ମତାମତ ମିଳିପାରି ନ ଥିଲାବେଳେ ଏସ୍‌ପି ଚରଣ ସିଂ ମୀନାଙ୍କୁ ପଚାରିବାରୁ, ସେ କାର୍ଯ୍ୟାଳୟରେ ଅନ୍ୟ କେତେଜଣ ଲୋକଙ୍କ ସମସ୍ୟା ବୁଝିସାରି ଆସିବାରୁ ବିଳମ୍ବ ହୋଇଯାଇଥିଲା ଏବଂ ଅଧିକ ଅଭିଯୋଗ ନ ଥିବାରୁ ଶିବିର ଶୀଘ୍ର ଶେଷ ହୋଇଯାଇଥିଲା ବୋଲି କହିଥିଲେ।



ଅଭିଯୋଗ ଶୁଣାଣି ଶିବିରରେ ଲୋକେ ଧାଡ଼ି ବାନ୍ଧିଛନ୍ତି।

## ଲଘୁ ଖଣିଜ ପରିବହନରେ ସ୍ୱଚ୍ଛତା ଆଣିବାକୁ ଦାବି



ଲଘୁ ଖଣିଜ ପରିବହନ ଟ୍ରକ ମାଲିକ ସଂଘ ତରଫରୁ ଆୟୋଜିତ ଖବରଦାତା ସମ୍ମିଳନୀ।

ଚଣ୍ଡିଖୋଲ,୨୬।୮(ଡି.ଏନ.ଏ)

ରାଜ୍ୟ ତଥା ରାଜ୍ୟ ବାହାରର ବହୁ ଗାଡ଼ି ମାଲିକ ଯାଜପୁରକୁ ଆସି ଗାଡ଼ି ବ୍ୟବସାୟ କରୁଛନ୍ତି। ସେମାନେ ଓଭରଲୋଡ ନେବା ସହ ବିଭିନ୍ନ ସମସ୍ୟା ସୃଷ୍ଟି କରୁଛନ୍ତି। ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେଇ ସେମାନଙ୍କ ବିରୋଧରେ ଦୃଢ ପଦକ୍ଷେପ ନେବାକୁ ମହାବିନାୟକ ଲଘୁ ଖଣିଜ ପରିବହନ ଟ୍ରକ ମାଲିକ ସଂଘ ତରଫରୁ ଏକ ଖବରଦାତା ସମ୍ମିଳନୀରେ ଦାବି କରାଯାଇଛି। ବେଆଇନ କ୍ରଶର ଓ ଗାଡ଼ି ମାଲିକଙ୍କ ଉପରେ ଆଇନଗତ ପଦକ୍ଷେପ ନିଆଗଲେ କୌଣସି ଆପତ୍ତି ନାହିଁ ବୋଲି ସଂଘର ମୁଖ୍ୟ ଉପଦେଷ୍ଟା ଚନ୍ଦନ କୁମାର ନାୟକ, ପ୍ରମୋଦ କୁମାର ନାୟକ, ସମ୍ପାଦକ ଅମିତ କୁମାର ସାହୁ, କୋଷାଧକ୍ଷ ରଜନୀକାନ୍ତ କର ପ୍ରକାଶ କରିଛନ୍ତି। ଚଣ୍ଡିଖୋଲସ୍ଥିତ ସଂଘ କାର୍ଯ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଲଘୁ ଖଣିଜ ପରିବହନରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଆସୁବୋଲି ସଂଘ ଦାବି କରିବା ସହ ବିଭିନ୍ନ ଜନ କଲ୍ୟାଣ କାର୍ଯ୍ୟରେ କିପରି ସାମିଲ ହୋଇଥାଏ ପରିପ୍ରକାଶ କରିଥିଲେ। ଚଳିତ ବର୍ଷ ୨ଶହରୁ ଅଧିକ ଗାଡ଼ି ଚାଳକଙ୍କୁ ଏବର୍ଷ ପ୍ରଶିକ୍ଷଣ ଦିଆଯାଇଛି। ଚଣ୍ଡିଖୋଲ ଆରଟିଓ କାର୍ଯ୍ୟାଳୟ ଓ ଧର୍ମଶାଳା ତହସିଲଦାରଙ୍କ କାର୍ଯ୍ୟାଳୟରେ ଉଚ୍ଚଶକ୍ତି ସମ୍ପନ୍ନ ପାନୀୟ ଜଳ ଉତ୍ସ ସ୍ଥାପନ କରାଯାଇଛି। ଚଣ୍ଡିଖୋଲ ଓ ଚଢ଼େଇଧରାଠାରେ ଜଳଛତ୍ର ଦେବା, ସଡ଼କ ସୁରକ୍ଷା ସପ୍ତାହ ଅବସରରେ ସଂଘ ପକ୍ଷରୁ ଏକ ମୋଟର ସାଇକେଲ ରାଲିରେ ସମଗ୍ର ଜିଲା ପରିକ୍ରମା କରିବା ସହିତ ବୃକ୍ଷରୋପଣ ମଧ୍ୟ କରାଯାଇଛି। ଏହି ସବୁ କାର୍ଯ୍ୟକ୍ରମରେ ଯାଜପୁର ଜିଲାପାଳ, ଏସ୍‌ପି, ବଡ଼ଚଣା ବିଧାୟକ ଓ ଧର୍ମଶାଳା ବିଧାୟକଙ୍କୁ ସାମିଲ କରାଯାଇଛି। ପ୍ରଥମ କରି ଚଳିତ ବର୍ଷ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲାବେଳେ ଏଥିରେ ୩ଜଣ ବରିଷ୍ଠ ନାଗରିକଙ୍କ ସହିତ ୩ଜଣ ଥାନାଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଣିକି ସମସ୍ତ ଜନକଲ୍ୟାଣ କାର୍ଯ୍ୟକ୍ରମରେ ସଂଘ ସାମିଲ ହେବା ସହ ଅନ୍ୟମାନଙ୍କ ସହଯୋଗ କାମନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅବଦୁଲ ୱାଲିକ୍ ଖାଁ, ମିଜୁବୁର ରହେମାନ ଓ ଜଗବନ୍ଧୁ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀଙ୍କ ପରଲୋକ

**ଯାଜପୁର ଟାଉନ,୨୬।୮(ଡିଏନଏ):** ଯାଜପୁର ସହର ପୁରୁଷୋତ୍ତମପୁର ଗ୍ରାମର ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କାର୍ତ୍ତିକ ଚନ୍ଦ୍ର ଯେନାଙ୍କର ରବିବାର ହୃଦ୍‌ଘାତରେ ପରଲୋକ ଘଟିଛି। ଯେନା ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ଆଣାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ରବିବାର ରାତି ପ୍ରାୟ ୨ଟାରେ ଯେନାଙ୍କର ମୃତ୍ୟୁ ଘଟିଥିଲା। ଯେନା ଜିଲାର ବିଭିନ୍ନ ବ୍ଲକରେ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରିଆସିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ନଗଡ଼ାରେ ପୁତୁରାଙ୍କୁ ତୀରରେ ଆକ୍ରମଣ

**କାଳିଆପାଣି,୨୬।୮(ଡିଏନଏ):** ବହୁ ଚର୍ଚ୍ଚିତ ନଗଡ଼ା ଅଞ୍ଚଳରେ ଜଣେ ବ୍ୟକ୍ତି ତାଙ୍କ ପୁତୁରାଙ୍କୁ ତୀରରେ ଆକ୍ରମଣ କରିଥିବା ଜଣାପଡ଼ିଛି। ଫଳରେ ପୁତୁରା ଆହତ ହୋଇଥିଲେ। ତାଙ୍କୁ କାଳିଆପାଣି ପୋଲିସ ଉଦ୍ଧାର କରି ଟାଟା ମେଡିକାଲରେ ଭର୍ତ୍ତି କରିଥିବା ଜଣାପଡ଼ିଛି। ଆହତ ଜଣକ ହେଲେ ବୁଧିଆ ପଧାନ(୩୫) ।ପ୍ରକାଶ ଯେ, କାଳିଆପାଣି ଥାନା ଚିଙ୍ଗୁଡ଼ିପାଳ ପଞ୍ଚାୟତ ତଳନଗଡ଼ାରେ ରବିବାର ବିଳମ୍ବିତ ରାତିରେ ଅଇଁଠୁ ପଧାନ (୪୫) ନିଶାସକ୍ତ ଅବସ୍ଥାରେ ତାଙ୍କ ସ୍ତ୍ରୀଙ୍କୁ ମାରପିଟ କରିଥିଲେ। ଏହାକୁ ତାଙ୍କ ପୁତୁରା ବୁଧିଆ ବିରୋଧ କରିଥିଲେ। ଫଳରେ ଅଇଁଠୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଅଇଁଠୁ ଘରେ ରଖିଥିବା ଏକ ଧନୁ ତୀର ଆଣି ବୁଧିଆଙ୍କୁ ଆକ୍ରମଣ କରିବାରୁ ତୀରଟି ବୁଧିଆଙ୍କ ଡାହାଣ ହାତରେ ଗଳି ଯାଇଥିଲା। ସୋମବାର ସକାଳୁ କାଳିଆପାଣି ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ବୁଧିଆଙ୍କୁ ଟାଟା ମେଡିକାଲରେ ଭର୍ତ୍ତି କରିଥିଲା। ଘଟଣା ପରଠାରୁ ଅଇଁଠୁ ଫେରାର ଥିବା ଜଣାପଡ଼ିଛି। ଖବର ଲେଖାହେବା ପର୍ଯ୍ୟନ୍ତ ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

## ଜିଲାରେ ୭ମ ଅର୍ଥନୈତିକ ଗଣନା ଜିଲାପାଳଙ୍କ ଦ୍ୱାରା ଉଦ୍‌ଘାଟିତ

ଯାଜପୁର ଟାଉନ,୨୬।୮(ଡିଏନଏ)

ଯାଜପୁର ଜିଲାରେ ଅନୁଷ୍ଠିତ ହେବାକୁ ଯାଉଥିବା ୭ମ ଅର୍ଥନୈତିକ ଗଣନା ସୋମବାର ପୂର୍ବାହ୍ନରେ ଯାଜପୁର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ସୋମବାର ଜିଲାପାଳ ରଞ୍ଜନ କୁମାର ଦାସଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଜିଲାର ୩୧୧ଟି ଗ୍ରାମ ପଞ୍ଚାୟତ ଓ ୨ଟି ପୌରପାଳିକା ଅଧୀନରେ ଥିବା ସମସ୍ତ ଗ୍ରାମ ଓ ୱାର୍ଡରେ ଘରକୁ ଘର ଯାଇ ପ୍ରାଥମିକ ଗଣନାକାରୀମାନେ ସମସ୍ତ ଘର, ପରିବାର ଓ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକରୁ ତଥ୍ୟ ସଂଗ୍ରହ କରାଯିବ। ଏହି ଗଣନା କାର୍ଯ୍ୟ ଜନସେବା କେନ୍ଦ୍ର ଦ୍ୱାରା ନିୟୋଜିତ ହୋଇଥିବା ୧୪୨୫ଜଣ ଗଣନାକାରୀଙ୍କ ଦ୍ୱାରା ସମ୍ପାଦିତ କରାଯିବ। ଏହାକୁ ତଦାରଖ କରିବା ପାଇଁ ଜନସେବା କେନ୍ଦ୍ର ଦ୍ୱାରା ୨୭୩ ଜଣ ପ୍ରଥମସ୍ତରୀୟ ସୁପରଭାଇଜର ନିୟୋଜିତ ହୋଇଛନ୍ତି। ଜିଲାସ୍ତରରେ ଜିଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟ ଅଧିକାରୀ ଏବଂ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ, କଟକ ଅଧିକାରୀଙ୍କ ଦ୍ୱାରା ଦ୍ୱିତୀୟ ପର୍ଯ୍ୟାୟ ତତ୍ତ୍ୱାବଧାନ କରାଯିବ। ଏଥିପାଇଁ ଆୟୋଜିତ ଉତ୍ସବରେ ଅଧକ୍ଷତା କରି ଜିଲାପାଳ ଦାସ ମୋବାଇଲ ଆପ୍ ଜରିଆରେ ନିର୍ଭୁଲ ତଥ୍ୟ ସଂଗ୍ରହ କରିବା ନିମନ୍ତେ ଉପସ୍ଥିତ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଜିଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟର ସହକାରୀ ନିର୍ଦ୍ଦେଶକ ଗୋକୁଳଚନ୍ଦ୍ର ଜେନା, ପରିସଂଖ୍ୟାନ ଅଧିକାରୀ ବାଇଧର ଜେନା, ସହକାରୀ ପରିସଂଖ୍ୟାନ ଅଧିକାରୀ ପୁଷ୍ପାଞ୍ଜଳି ପଣ୍ଡା, ଇକୋନୋମିଷ୍ଟ ଲୋପାମୁଦ୍ରା ମହାନ୍ତି, ଫାଇନାନ୍ସ ଏକ୍ସପର୍ଟ ସର୍ମିଷ୍ଠା ରାଜନନ୍ଦିନୀ ନାୟକ ଯୋଗ ଦେଇଥିବାବେଳେ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ, କଟକର ବରିଷ୍ଠ ପରିସଂଖ୍ୟାନ ଅଧିକାରୀ ପ୍ରକାଶ ଚନ୍ଦ୍ର ସାହୁ, ଆଞ୍ଚଳିକ ଶିଳ୍ପକେନ୍ଦ୍ର, କଳିଙ୍ଗନଗର ଆଇପିଓ ରମାକାନ୍ତ ବେହେରା ଓ ଜିଲା ସହକାରୀ ଶ୍ରମ ଅଧିକାରୀ ଚିତ୍ତରଞ୍ଜନ ରାଉତ ପ୍ରମୁଖ ଯୋଗଦେଇଥିଲେ।

## ପରୀ ଯୋଜନାର ସଫଳତା ନେଇ ପ୍ରଶ୍ନବାଚୀ

# ଘୁଷୁରି ଚରାଉଛନ୍ତି ଶିଶୁ

- ବାହାର ଜିଲାରୁ ଶିଶୁଙ୍କୁ ଅଣାଯାଉଛି
- ଯାଯାବର ଜୀବନ ବିତାଉଛନ୍ତି ଶିଶୁ
- ପ୍ରଶାସନ ନୀରବଦ୍ରଷ୍ଟା

ରସୁଲପୁର,୨୬।୮(ଡିଏନଏ)

ଅଗଷ୍ଟ ପ୍ରଥମ ସପ୍ତାହରେ ପରୀ–୩ ଯୋଜନା କାର୍ଯ୍ୟକାରୀ ହୋଇଥିଲା। ଏହି ଅବଧି ମଧ୍ୟରେ ପୋଲିସ ପ୍ରଶାସନ କେବଳ ହାତଗଣତି କେତେଜଣ ନାବାଳିକାବାଳକଙ୍କୁ ଉଦ୍ଧାର କରି କାମ ସାରି ଦେଇଛି । ଅସୁରକ୍ଷିତ ଅବସ୍ଥାରେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ଶିଶୁ ଓ ଅପହୃତ ଶିଶୁଙ୍କୁ ଉଦ୍ଧାର କରି ସେମାନଙ୍କୁ ମୁଖ୍ୟ ସ୍ରୋତକୁ ଫେରାଇ ଆଣିବା ପ୍ରୟାସରେ ପ୍ରଶାସନ ସଫଳ ହୋଇପାରୁ ନାହିଁ। ପ୍ରଶାସନ କେବଳ ସଫଳତା ପାଇଁ କେତେକ ପଦକ୍ଷେପ ନେବାରେ ସୀମିତ ରହିଯାଉଛି। ହେଲେ ସ୍ଥିତିରେ ବିଶେଷ ପରିବର୍ତ୍ତନ ଘଟୁନାହିଁ। ଏଭଳି ଘଟଣା ରସୁଲପୁର ବ୍ଲକ ବ୍ରହ୍ମବରଦା ଓ ଖଣ୍ଡାସ ଆଦି ଅଞ୍ଚଳରେ ଦେଖାଯାଇଛି। ଏଠାରେ ନିରୀହ ଶିଶୁଙ୍କୁ ଘୁଷୁରି ଚରାଇବାରେ ନିୟୋଜିତ କରାଯାଉଛି। ଏ ବାବଦରେ ମାଲିକମାନେ ସ୍ୱଳ୍ପ ଦରମା ଦେଇ କଠିନ କାର୍ଯ୍ୟ କରୁଛନ୍ତି। ଶିଶୁଙ୍କୁ ସେମାନଙ୍କ ମୌଳିକ ଅଧିକାରରୁ ବଞ୍ଚିତ କରାଯାଉଛି। ଶିଶୁ ଶ୍ରମିକ ଉଚ୍ଛେଦ ଆଇନ କାର୍ଯ୍ୟକାରୀ କରିବାରେ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ରସୁଲପୁର ବ୍ଲକ ଅଞ୍ଚଳରେ ପ୍ରାୟତଃ ୨ହଜାରୁ ଊର୍ଦ୍ଧ୍ୱ ଘୁଷୁରି ପାଳନ କରାଯାଉଛି। ଘୁଷୁରି ପାଳକମାନେ ଜିଲା ବାହାରୁ ବିଶେଷ କରି କେନ୍ଦୁଝର, ମୟୂରଭଞ୍ଜ ଆଦି ଜିଲାରୁ ଶିଶୁ ଶ୍ରମିକଙ୍କୁ ଆଣୁଛନ୍ତି। ଉକ୍ତ ଶିଶୁଙ୍କୁ ଅସୁରକ୍ଷିତ ଭାବେ କାର୍ଯ୍ୟରେ ନିୟୋଜିତ କରାଯାଉଛି। ଏପରିକି ଶିଶୁମାନେ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଜୀବନ ବିତାଉଛନ୍ତି। ଘୁଷୁରି ଜଗୁଥିବା ପିଲାମାନେ ଫୁଙ୍ଗୁଳା ଦେହ, ଖାଲିପାଦ, ଛତା ବଦଳରେ ବାଡ଼ି ଖଣ୍ଡେ ଧରି ଗାଁ ଗାଁ ବୁଲୁଛନ୍ତି। ଖରାବର୍ଷାରେ କୋମଳମତି ଶିଶୁଙ୍କ ସୁରକ୍ଷା ପ୍ରତି କାହାରି ନିଘା ନାହିଁ। ସେମାନଙ୍କ ସୁରକ୍ଷା, ଶିକ୍ଷା, ଉତ୍ତମ ସ୍ୱାସ୍ଥ୍ୟ ଭଳି ମୌଳିକ ଅଧିକାରକୁ ସୁରକ୍ଷିତ ରଖିବା ପାଇଁ ଉଦ୍ଦିଷ୍ଟ ପରୀ ଯୋଜନା ଫେଲ ମାରିଛି। ମହେଶ୍ୱରପୁର ପଞ୍ଚାୟତର ଖଣ୍ଡାସ ଛକ ନିକଟରେ ଘୁଷୁରୀ ଚରାଳିମାନେ ଅସ୍ଥାୟୀ ଶିବିର ଖୋଲିଛନ୍ତି। ଏହି ଶିବିରରେ ଏକାଧିକ ଶିଶୁଙ୍କୁ ରଖାଯାଇ କାର୍ଯ୍ୟରେ ନିୟୋଜିତ କରାଯାଉଛି। ଏହି ନାବାଳକମାନେ ସେଠାରେ ସ୍ଥାୟୀ ଭାବେ ରହୁ ନ ଥିଲେ ମଧ୍ୟ ଯାଯାବର ଜୀବନ ବିତାଉଛନ୍ତି। ସପ୍ତାହେରୁ ୨ସପ୍ତାହ ଅବଧି ମଧ୍ୟରେ ସେମାନେ ସ୍ଥାନ ପରିବର୍ତ୍ତନ କରୁଛନ୍ତି ବୋଲି ସ୍ଥାନୀୟ ଲୋକଙ୍କଠାରୁ ଶୁଣିବାକୁ ମିଳୁଛି। ଏ ସବୁ ପ୍ରଶାସନିକ ଅଧିକାରୀମାନେ ଦେଖି ନ ଦେଖିଲା ଭଳି ରହୁଛନ୍ତି। ପରୀ ପକ୍ଷ ପାଳନବେଳେ ପୋଲିସ ଉପରେ ଚାପ ରହୁଥିବାରୁ ସେମାନେ ହୋଟେଲ, ଜଳଖିଆ ଦୋକାନ, ଗ୍ୟାରେଜ, ଗଦି ଦୋକାନ ଆଦି ସ୍ଥାନରୁ କେତେଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରୁଥିବା ଦେଖାଯାଉଛି। ମାତ୍ର ଅନ୍ୟ ସମୟରେ ପୋଲିସ ପକ୍ଷରୁ ସମାନ ଆଚରଣ ଦେଖିବାକୁ ମିଳୁନାହିଁ।



ଏହିଭଳି ବିପଦପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ ଶିଶୁଙ୍କୁ ଉଦ୍ଧାର କରିବା ପାଇଁ ସମଗ୍ର ଜିଲାରେ ଏକ ଟାସ୍କଫୋର୍ସ କାର୍ଯ୍ୟ କରୁଛି। ଯେଉଁଥିରେ ଆଇନ ପରାମର୍ଶଦାତା, ଶିଶୁ ମଙ୍ଗଳ କମିଟି, ଶିଶୁ ସୁରକ୍ଷା ୟୁନିଟ୍, ସ୍ୱାସ୍ଥ୍ୟ ବିଭାଗ, ପୋଲିସ, ମହିଳା ଶିଶୁ ବିଭାଗ ଆଦିର ଅଧିକାରୀଙ୍କୁ ନେଇ ଏହି ଫୋର୍ସ ଗଠନ କରାଯାଇଛି। ଉକ୍ତ ଫୋର୍ସ ଠିକ୍ ଭାବେ କାର୍ଯ୍ୟ କରୁ ନ ଥିବାରୁ ବାହାର ଜିଲାରୁ ଶିଶୁ ଶ୍ରମିକମାନେ ଆସି ଏହି ଅଞ୍ଚଳରେ କାମ କରୁଛନ୍ତି। ଏ ଦିଗରେ ଆଇନକୁ କଡ଼ାକଡ଼ି ଭାବେ ପାଳନ କରାଯିବା ସହ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରି ସେମାନଙ୍କୁ ମୁଖ୍ୟସ୍ରୋତାରେ ସାମିଲ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ବ୍ରହ୍ମବରଦା ଫାଣ୍ଡି ଅଧିକାରୀ ସୁରେନ୍ଦ୍ର କୁମାର ରଥଙ୍କୁ ପଚାରିବାରୁ, ସେ ଏ ଦିଗରେ ଅବଗତ ନାହାନ୍ତି। ଅଭିଯୋଗ ଆସିଲେ, ନଚେତ୍ ସେମାନଙ୍କ ଦୃଷ୍ଟିକୁ ଆସିଲେ ସେ ନିଶ୍ଚିତ ଭାବେ ପଦକ୍ଷେପ ନେବେ ବୋଲି ପ୍ରକାଶ କରିଛନ୍ତି।



ଭୁଲ୍‌ଟା ବୁଝିବା ମାତ୍ରେ ଲଜ୍ଜିତ ହୋଇଯିବା ଭଳି ସଦ୍‌ଗୁଣ ଆଉ କିଛି ନାହିଁ ।
- ଡାୟୋଜିନିସ୍



## ସଂକ୍ଷେପରେ

### ଅଜଣା ରୋଗରେ ଗୋରୁ ଆକ୍ରାନ୍ତ

**ଖଣ୍ଡପଡା,୨୬।୮(ସ୍ୱ.ପ୍ର.):** ଖଣ୍ଡପଡା ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରେ ଅଜଣା ରୋଗରେ ଗୋରୁ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି। ଗୋପାଳକମାନେ ଏ ନେଇ ଚିନ୍ତାରେ ଦିନ କାଟୁଛନ୍ତି। ରୋଗରେ ପୀଡିତ ଗୋରୁମାନେ ଖାଦ୍ୟ ଠିକ୍ ରୂପେ ଗ୍ରହଣ କରୁ ନ ଥିବା ଅଭିଯୋଗ ହେଉଛି । ଗୋପାଳମାନେ ଖଣ୍ଡପଡା ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ଆସି ଅଧିକାରୀମାନଙ୍କ ପରାମର୍ଶ ନେଇ ଗୋରୁଙ୍କୁ ଆବଶ୍ୟକୀୟ ଔଷଧ ପ୍ରଦାନ କରିଥିଲେ ହେଁ ରୋଗରୁ ଉପଶମ ମିଳୁ ନ ଥିବା ସେମାନେ କହିଛନ୍ତି। ସମୟାନୁକ୍ରମେ ଏହି ରୋଗ ଗାଁକୁ ଗାଁ ବ୍ୟାପିବାରେ ଲାଗିଛି। ଖଣ୍ଡପଡା, ଖଳିସାହି, ମର୍ଦ୍ଦରାଜପୁର, ବାହାଡା, ଶାଳଝରିଆ, ଶିଖରପୁର, ସିଂଘାପଡା, ଗଡିଆସାହି, କିଆଝର, କୋସକା ପ୍ରଭୃତି ଅଞ୍ଚଳରେ ଗୋରୁ ଏହି ମାରାତ୍ମକ ଭୂତାଣୁଜନିତ ରୋଗରେ ଆକ୍ରାନ୍ତ ହୋଇଥିବା ସୂଚନା ମିଳିଛି । ରୋଗର ପ୍ରତିକାର ନିମନ୍ତେ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଏଥିପ୍ରତି ନୟାଗଡ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି । ତେବେ ଏ ସମ୍ପର୍କରେ ଖଣ୍ଡପଡା ପ୍ରାଣୀ ଚିକିତ୍ସାଧିକାରୀ ଡା. ରମେଶ ଚନ୍ଦ୍ର ବେହେରାଙ୍କ ସହ ଯୋଗାଯୋଗ କରିବାରେ ସେଭଳି କୌଣସି ଅଭିଯୋଗ ଆମ ଦୃଷ୍ଟିକୁ ଆସି ନାହିଁ । ତେବେ ସେ ଏଥିପ୍ରତି ଦୃଷ୍ଟି ଦେବେ ବୋଲି କହିଛନ୍ତି ।

### ଓଷ୍ଟାର ଜିଲାସ୍ତରୀୟ ସମ୍ମିଳନୀ

**ରଣପୁର, ୨୬।୮(ସ୍ୱ.ପ୍ର.):** ମାଧମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ନୟାଗଡ ଜିଲାସ୍ତରୀୟ ତୃତୀୟ ସାମ୍ବିଧାନିକ ସମ୍ମିଳନୀ ରଣପୁର ବ୍ଲକ ରାଜସୁନାଖଳା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସୋମବାର ପୂର୍ବାହ୍ନରେ ଓଷ୍ଟା ପତାକାକୁ ଉପଦେଷ୍ଟା ପ୍ରଫୁଲ୍ଲ କୁମାର ମହାନ୍ତି ଉତ୍ତୋଳନ କରି ସମ୍ମିଳନୀ ଉଦ୍‌ଘାଟନ କରିଥିଲେ । ଜିଲା ସଭାପତି ନିରଞ୍ଜନ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ସମ୍ପାଦକ କିଶୋର ଚନ୍ଦ୍ର ପରମଗୁରୁ, ରାଜ୍ୟ ଓଷ୍ଟାର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି , ଯୁଗ୍ମ ସମ୍ପାଦକ ଅକ୍ଷୟ ମିଶ୍ର, ଅନ୍ୟତମ ସମ୍ପାଦକ ବିନାୟକ ପରିଡା, ଅଶୋକ ମହାପାତ୍ର, ରଞ୍ଜନ ଦାଶ, ଅକ୍ଷୟ ହୋତା, ଶଙ୍କର ସୁବୁଦ୍ଧି, ସନ୍ତୋଷ ଭଞ୍ଜ ପ୍ରମୁଖ ଯୋଗ ଦେଇଥିଲେ। ୨ୟ ଅଧିବେଶନରେ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ସଭାପତି ଭାବେ ଅଯୋଧ୍ୟା ନାଥ ନାୟକ, କାର୍ଯ୍ୟକାରୀ ସଭାପତି ପଦ୍ମ ଚରଣ ବିଶ୍ୱାଳ, ଉପସଭାପତି ଅକ୍ରୁର ରାଉତ, ଉପସଭାନେତ୍ରୀ ମିନତି ତ୍ରିପାଠୀ, ସମ୍ପାଦକ ମାଣିକେଶ୍ୱର ସ୍ୱାଇଁ, ଯୁଗ୍ମ ସମ୍ପାଦକ ମନୋଜ କୁମାର ଗୁମାନସିଂ ପ୍ରମୁଖ ନିର୍ବାଚିତ ହୋଇଛନ୍ତି । ନିର୍ବାଚନ ପରିଚାଳନା ଅକ୍ଷୟ ମିଶ୍ର କରିଥିବାବେଳେ ମନୋଜ କୁମାର ଗୁମାନସିଂ ଧନ୍ୟବାଦ ଦେଇଥିଲେ ।

### ଯୁବତୀ ନିଖୋଜ ନେଇ ସାଧାରଣରେ ନାନା ଗୁଜବ

**ଓଡଗାଁ, ୨୬।୮(ସ୍ୱ.ପ୍ର.):** କିଛିଦିନ ତଳେ ଓଡଗାଁ ସିନେମା ହଲ ଛକରେ ଏକ ଅର୍ଥ ଲଗାଣକାରୀ ସଂସ୍ଥା ମାଗଣା ଋଣ ଦେବା ନାମରେ କାର୍ଯ୍ୟାଳୟ ଖୋଲିବା ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା । ହେଲେ କୌଣସି ନିର୍ଦ୍ଦିଷ୍ଟ ଅର୍ଥ ନେଣଦେଣ ନେଇ ପୋଲିସ ଅଭିଯୋଗ ନ ପାଇବାରୁ ମାମଲା ଶାନ୍ତ ପଡିଥିଲା । ପରେ ଉକ୍ତ କାର୍ଯ୍ୟାଳୟ କୁଆଡେ ବନ୍ଦ ହୋଇଯାଇଥିଲା। ଏପରି ଏକ ଘଟଣାକ୍ରମରେ ସ୍ଥାନୀୟ ଆଦର୍ଶ ଥାନାଠାରୁ ଅନତି ଦୂରରେ ଜନୈକା ୨୭ ବର୍ଷୀୟା ଯୁବତୀ ଏକ କାର୍ଯ୍ୟାଳୟ ଖୋଲିବା ପରେ ହଠାତ୍ ନିଖୋଜ ହୋଇଯିବା ନେଇ ସାଧାରଣରେ ନାନା ଆଲୋଚନା ହେଉଛି। ସେ କୁଆଡେ ଜଣେ ସ୍ଥାନୀୟ ଯୁବକଙ୍କ ସହିତ ୨ ଲକ୍ଷ ଟଙ୍କା ନେଇ ୨୨ ତାରିଖରେ କାର କିଣିବାକୁ ଭୁବନେଶ୍ୱର ଯାଇଥିଲେ। ସେହିଦିନ ବିଳମ୍ବିତ ରାତିରେ ହୋଟେଲକୁ ଖାଦ୍ୟ ପାର୍ସଲ ଆଣିବାକୁ ଆସିଥିବା ନେଇ ଫୋନରେ ସେ କାହାକୁ ସୂଚନା ଦେଇଥିଲେ। ହେଲେ ତା' ପରଠାରୁ ଯୁବତୀଙ୍କ କୌଣସି ଫୋନକଲ ନ ଆସିବାରୁ ତାଙ୍କ ମା' ଥାନାରେ ଆସି ଝିଅର ନିଖୋଜ ସମ୍ପର୍କରେ ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ମେନ ମିସିଂ ସମ୍ବନ୍ଧୀୟ ଏକ ରେକର୍ଡ କରିଥିବା ଅସମର୍ଥିତ ସୂତ୍ରରୁ ଜଣାଯାଇଛି। ଅନ୍ୟପକ୍ଷେ ନିଖୋଜ ଯୁବତୀ ବିଭିନ୍ନ ଅପରାଧିକ ମାମଲାରେ ଜଡିତ ଥିବା ନେଇ ସ୍ଥାନୀୟ ଥାନା ସମେତ ଅନ୍ୟାନ୍ୟ ଥାନାରେ ମାମଲା ରହିଥିବା ବେଳେ ସେ ସାଙ୍ଗରେ ନେଇଯାଇଥିବା ଯୁବକଙ୍କ ସମ୍ପର୍କରେ କୌଣସି ଖବର ମିଳୁ ନ ଥିବା ଜଣାଯାଇଛି। ଏ ନେଇ ସ୍ଥାନୀୟ ପୋଲିସର ମତାମତ ଲୋଡିବାରୁ ସେ ଜିଲା ଏସ୍‌ପିଙ୍କ ନିର୍ଦ୍ଦେଶାନୁସାରେ ଥାନାରୁ ଏଣିକି ଖବରଦାତାଙ୍କୁ ଆଉ କୌଣସି ସୂଚନା ଦିଆଯାଇପାରିବ ନାହିଁ ବୋଲି କହିଥିଲେ।

■ ବଡ଼ଦାଣ୍ଡରେ ବ୍ୟବସାୟୀଙ୍କ ଧାରଣା

# ତ୍ୟାଗ ପାଇଁ ପ୍ରସ୍ତୁତ, ପ୍ରଥମେ ଥଇଥାନ କରାଯାଉ

**ପୁରୀ ଅଫିସ, ୨୬।୮**

ଶ୍ରୀମନ୍ଦିରର ସୁରକ୍ଷା ପାଇଁ ପ୍ରଶାସନ ମଙ୍ଗଳବାରଠାରୁ ୭୫ ମିଟର ଉଚ୍ଛେଦ ଅଭିଯାନ ଆରମ୍ଭ କରିବ। ମେଘନାଦ ପ୍ରାଚୀରଠାରୁ ୭୫ ମିଟର ପରିଧି ମଧ୍ୟରେ ଥିବା ସମସ୍ତ ନିର୍ମାଣକୁ ଭଙ୍ଗାଯିବ। ଏଥିଲାଗି ପ୍ରାଥମିକ ପର୍ଯ୍ୟାୟରେ ମଙ୍ଗଳବାର ଲଙ୍ଗୁଳି ମଠ ଉଚ୍ଛେଦ ହେବ। ଏହି ମଠରେ ଥିବା ଦୋକାନୀଙ୍କୁ ସେମାନଙ୍କ ଜିନିଷପତ୍ର ଖାଲି କରିବାକୁ ପ୍ରଶାସନ କହିବା ପରେ ବ୍ୟବସାୟୀମାନେ ଚିନ୍ତାରେ ପଡିଥିଲେ। ହେଲେ ସୋମବାର ଅପରାହ୍ନ ଗୋଟାଏ ସୁଦ୍ଧା ଦୋକାନ ଖାଲିବାକୁ ପ୍ରଶାସନର ତାଗିଦକୁ ବିରୋଧ କରି ବ୍ୟବସାୟୀମାନେ ସିଂହଦ୍ୱାର ନିକଟ ବଡ଼ଦାଣ୍ଡରେ ଧାରଣାରେ ବସିଥିଲେ। ପ୍ରଶାସନ ଜୋରଜବରଦସ୍ତ ଭୟଭୀତ କରି ଯେଉଁ ନିଷ୍ପତ୍ତି ନେଉଛି ତାହା ଠିକ୍ ନୁହେଁ। ମହାପ୍ରଭୁଙ୍କ ସୁରକ୍ଷା ପାଇଁ ସେମାନେ ତ୍ୟାଗ କରିବାକୁ ପ୍ରସ୍ତୁତ, କିନ୍ତୁ ପ୍ରଥମେ ଥଇଥାନ କରି ତାଙ୍କୁ ବିସ୍ଥାପିତ କରାଯାଉ ବୋଲି ବ୍ୟବସାୟୀମାନେ କହିଛନ୍ତି।

ଲଙ୍ଗୁଳି ମଠ କୋଠାରେ ଦୋକାନ କରିଥିବା କୃଷ୍ଣମୋହନ ସାହୁ କହିଛନ୍ତି, ପ୍ରଶାସନ ଆମକୁ କୌଣସି ନୋଟିସ୍ ଦେଇନାହିଁ କିମ୍ବା କୌଣସି ଆଲୋଚନା ନ କରି ତରବରିଆ ଭବେ ଦୋକାନ ଖାଲି କରିବାକୁ କହିଛି। ଆମେ ଏ ନେଇ ଭୟଭୀତ ଅଛୁ। ଶ୍ରୀଜଗନ୍ନାଥଙ୍କ ପାଇଁ ଆମେ ତ୍ୟାଗ କରିବାକୁ ପ୍ରସ୍ତୁତ ଅଛୁ। କିନ୍ତୁ ଆଗ ଥଇଥାନ କରି ପରେ ଭଙ୍ଗାଯାଉ। ଅନ୍ୟତମ ବ୍ୟବସାୟୀ ତପନ କୁମାର ସାହୁ କହିଛନ୍ତି, ବାପା ଅଜା ଅମଳରୁ ଆମେ ଠାକୁରଙ୍କ ପାଇଁ ତ୍ୟାଗ କରିଆସୁଛୁ। ଏବେ ପୁଣି ତ୍ୟାଗ କଥା କହୁଛନ୍ତି ଠିକ୍ ଅଛି, କିନ୍ତୁ ପ୍ରଥମେ ଥଇଥାନ କରି ଆମକୁ ଉଚ୍ଛେଦ କରାଯାଉ। ୭୫ ମିଟର ଭିତରେ ଆମ ଘର ମଧ୍ୟ ଯାଉଛି। ଦୋକାନ ଜିନିଷପତ୍ର ନେଇ କେଉଁଠି ରଖିବୁ? ଘର ଭାଙ୍ଗିଲେ ପିଲାଛୁଆ ଏବଂ ରୋଗରେ ପଡିଥିବା ମା' ବାପାଙ୍କୁ ଧରି କେଉଁଠି ରହିବୁ ବୋଲି ତପନ ପ୍ରଶ୍ନ କରିଛନ୍ତି। କେବଳ କୃଷ୍ଣ କିମ୍ବା ତପନ ନୁହନ୍ତି ସବୁ ବ୍ୟବସାୟୀ ଥଇଥାନ ପାଇଁ ଦାବି କରିଛନ୍ତି। ଅନ୍ୟପକ୍ଷରେ ଉପାୟଶୂନ୍ୟ ହୋଇ ଦୋକାନ ଘର ଖାଲି କରିଥିଲେ ବ୍ୟବସାୟୀ। ବଡ଼ ବଡ଼ ବ୍ୟସାୟୀ ଗାଡିରେ ଜିନିଷପତ୍ର ଲଦି ନେଉଥିବା ବେଳେ ଆଉ କେହି ଲୋକଙ୍କୁ ଲଗାଇ ମୁଣ୍ଡରେ ଜିନିଷପତ୍ର ଲଦି ଦୋକାନଘର ଖାଲି କରୁଥିଲେ। ତେବେ ତରବରିଆ ଭାବେ ଦୋକାନ ଭାଙ୍ଗିବା ନିଷ୍ପତ୍ତିକୁ ବିରୋଧ କରିଛନ୍ତି ସ୍ଥାନୀୟ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ। ସେ କହିଛନ୍ତି, ବର୍ତ୍ତମାନ ଦୋକାନ ଭାଙ୍ଗିଲେ ବ୍ୟବସାୟୀମାନେ କେଉଁଠି ଥଇଥାନ ହେବେ। ପ୍ରଥମେ ତାଙ୍କୁ ଥଇଥାନ କରାଯିବା ଦରକାର। ସାଧାରଣତଃ ଗୋଟିଏ ମାର୍କେଟ କମ୍ପ୍ଲେକ୍ସ ତିଆରି ପାଇଁ ୨/୩ ବର୍ଷ ସମୟ ଲାଗିବ। ଦୋକାନୀମାନେ ଚଳିବେ କେମିତି, କଣ ଖାଇବେ? ଯଦି ଏଭଳି ନିଷ୍ପତ୍ତି ନେବାର ଥିଲା ତେବେ ୨/୩ ବର୍ଷ ପୂର୍ବରୁ ଦୋକାନ ଘର ତିଆରି କରିବାର ଥିଲା ବୋଲି ବିଧାୟକ ଷଡ଼ଙ୍ଗୀ କହିଛନ୍ତି।




ଧାରଣାରେ ସାମିଲ ହୋଇଥିବା ଦୋକାନୀମାନେ।

■ଉପାୟ ଶୂନ୍ୟ ହୋଇ ଦୋକାନ ଖାଲି କଲେ

■ଦୋକାନୀ ଚଳିବେ କେମିତି: ବିଧାୟକ

### ଅଘୋଷିତ ବିଦ୍ୟୁତ୍ କାଟ ସମସ୍ୟା
### ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ ପାଇଁ ଚେତାବନୀ

**ଖଣ୍ଡପଡ଼ା,୨୬।୮(ସ୍ୱ.ପ୍ର.)**

ପ୍ରତ୍ୟହ ଖଣ୍ଡପଡା ବିଦ୍ୟୁତ୍ ଉପଖଣ୍ଡ (ଭାପୁର, ଖଣ୍ଡପଡା ବ୍ଲକ ଅଞ୍ଚଳ)ରେ ଦୀର୍ଘ ସମୟ ଧରି ବିଦ୍ୟୁତ ସରବରାହ ବନ୍ଦ ରହୁଛି। ରବିବାର ସକାଳ ୭ଟା ଠାରୁ ରାତି ୧୦ଟା ପର୍ଯ୍ୟନ୍ତ ବିଦ୍ୟୁତକାଟ ସମସ୍ତଙ୍କୁ ଅସ୍ତବ୍ୟସ୍ତ କରିଦେଇଥିଲା । ଅବିଶ୍ରାନ୍ତ ବର୍ଷା ଲାଗି ରହିଥିବା ବେଳେ ଦୀର୍ଘ ୧୫ ଘଣ୍ଟାଧରି ବିଦ୍ୟୁତକାଟ ନେଇ ଖଣ୍ଡପଡା ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଦ୍ୟୁତକାଟ ସମ୍ପର୍କରେ ବିଦ୍ୟୁତ୍ ବିଭାଗ(ସେସୁ ଓ ଫେଡ୍‌କୋ) କର୍ତ୍ତୃପକ୍ଷ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରୁ ନ ଥିବା ବେଳେ କେବଳ ପାୱାର ଗ୍ରୀଡ୍‌ରେ ତ୍ରୁଟିଥିବା ଦର୍ଶାଇ କଥାକୁ ଏଡାଇ ଯାଉଛନ୍ତି। ଅପରପକ୍ଷେ ବିଦ୍ୟୁତ୍ ସେବାରୁ ବଞ୍ଚିତ ଉପଭୋକ୍ତାମାନେ ଏ ନେଇ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଆଗାମୀ ଦିନରେ ଅଞ୍ଚଳବାସୀଙ୍କୁ ନିରବଚ୍ଛିନ୍ନ ଭାବେ ବିଦ୍ୟୁତ୍ ସେବା ଯୋଗାଇ ଦେବା ଦାବିରେ ଖଣ୍ଡପଡା ଆଞ୍ଚଳିକ ସାମ୍ବାଦିକ ସଂଘର ସଦସ୍ୟମାନେ ଆନ୍ଦୋଳନାତ୍ମକ ପନ୍ଥା ସ୍ୱରୂପ ଖଣ୍ଡପଡା ସେସୁ କାର୍ଯ୍ୟାଳୟ ଘେରାଉ କରି ଅଞ୍ଚଳବାସୀଙ୍କ ସହଯୋଗରେ ରାଜରାସ୍ତାରେ ହରତାଳ କରିବେ ବୋଲି ଚେତାବନୀ ଦେଇଛନ୍ତି । ଘଣ୍ଟାଘଣ୍ଟା ଧରି ବିଦ୍ୟୁତ୍‌କାଟ ସମସ୍ୟାର ସମାଧାନ ନିମନ୍ତେ ସେସୁ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଖଣ୍ଡପଡା ଅଞ୍ଚଳବାସୀ ଦାବି କରିଛନ୍ତି ।

# ଜିଲାପାଳଙ୍କ ବ୍ଲକସ୍ତରୀୟ ଜନଶୁଣାଣି

**ଭାପୁର,୨୬।୮ (ଡି.ଏନ୍.ଏ.)**

ନୂତନ ଭାବେ ଯୋଗଦେଇଥିବା ଜିଲାପାଳ ଡ. ପୋମା ଟୁଡୁଙ୍କ ଦ୍ୱାରା ସୋମବାର ଭାପୁରରେ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ୧୧ଟା ସମୟରେ ବ୍ଲକ ସଭାଗୃହରେ ଆୟୋଜିତ ଶିବିରରେ ବ୍ଲକର ୨୦ ପଞ୍ଚାୟତରୁ ଜନସାଧାରଣ ଆସି ମୋଟ ୧୪୦ ଅଭିଯୋଗପତ୍ର ଦାଖଲ କରିଥିଲେ। ଶିବିରରେ ଏସ୍‌ପି ଶଶିଭୂଷଣ ଶତପଥୀ, ପ୍ରକଳ୍ପ ନିର୍ଦ୍ଦେଶକ ସୁବଳଚନ୍ଦ୍ର ରାୟ, ସିଡିଏମ୍‌ଓ ଡା. ଶ୍ୱେତ ମହାପାତ୍ର, ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁ, ଭାପୁର ତହସିଲଦାର ସୁନୀତା ଜେନା, ବିଡିଓ ଅନ୍ତର୍ଯାମୀ ଦାଶ ଓ ବ୍ଲକ ଉପାଧ୍ୟକ୍ଷ ଗୟାଧର ପରିଡ଼ା ଉପସ୍ଥିତ ଥିଲେ। ଏମାନଙ୍କ ବ୍ୟତୀତ ଜିଲାର ସମସ୍ତ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ମୁଖ୍ୟତଃ ପାନୀୟ ଜଳଯୋଗାଣ, ବିଦ୍ୟୁତ୍, ଭତ୍ତା, ଇନ୍ଦିରାଆବାସ ନେଇ ଅଭିଯୋଗ ହୋଇଥିଲା। ବ୍ଲକ ଉପାଧ୍ୟକ୍ଷଙ୍କ ସହ ବ୍ଲକର ସମସ୍ତ ସରପଞ୍ଚ, ସମିତିସଭ୍ୟମାନେ ମିଳିତ ହୋଇ ବ୍ଲକରେ ହେଉଥିବା ବିଜୁଳି ବିଭ୍ରାଟ ଉପରେ ଅଭିଯୋଗ କରିଥିଲେ। ଦିନକୁ ୭ରୁ ୮ଘଣ୍ଟା ବିଦ୍ୟୁତ୍ କାଟ୍ ନେଇ ଜିଲାପାଳଙ୍କୁ ଅଭିଯୋଗ କରାଯାଇଥିଲା। ମୋଟ ଅଭିଯୋଗ ମଧ୍ୟରୁ ବ୍ୟକ୍ତିଗତ ୧୨୫, ଗ୍ରାମ ସମସ୍ୟା ୩, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ସଂକ୍ରାନ୍ତରେ ୧୧ ଓ ରେଡକ୍ରସ ପାଇଁ ୧ଟି ଅଭିଯୋଗ ହୋଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୮୧ହଜାର ଟଙ୍କା, ୨ଟି ତିନିଚକିଆ ସାଇକେଲ ଓ ୩ଜଣଙ୍କୁ ଭତ୍ତା ଜିଲାପାଳ ଅଭିଯୋଗକାରୀଙ୍କ ପାଇଁ ସଙ୍ଗେ ସଙ୍ଗେ ମଞ୍ଜୁର କରିଥିଲେ। ଅଭିଯୋଗ ଶୁଣାଣି ପରେ ଜିଲାପାଳ ମାଳିବେରେଣି ଗ୍ରାମଠାରେ ଥିବା ଆଶ୍ରମ ପରିଦର୍ଶନ କରିବା ସହ ଶାସନ ପଞ୍ଚାୟତ ରଗଡ଼ିପଡ଼ା ଗ୍ରାମକୁ ଯାଇ ଛତୁଆ ବଣ୍ଟନ କେନ୍ଦ୍ର ବୁଲି ଦେଖିଥିଲେ।



ଶିବିରରେ ଜିଲାପାଳ ଜନଶୁଣାଣି କରୁଛନ୍ତି।

### ମନ୍ଦିର ହୁଣ୍ଡି, ଆଲମାରି ଭାଙ୍ଗି ଟଙ୍କା ଓ ଅଳଙ୍କାର ଚୋରି

**ନିରାକାରପୁର,୨୬।୮(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥିତ ମହାବୀର ମନ୍ଦିର ଓ ସାଇମନ୍ଦିର ହୁଣ୍ଡି, ଆଲମାରି ଭାଙ୍ଗି ଦୁର୍ବୃତ୍ତମାନେ ରବିବାର ରାତିରେ ଠାକୁରଙ୍କର ରୁପା ଅଳଙ୍କାର ଓ ଟଙ୍କା ଚୋରି କରିଛନ୍ତି। ଏନେଇ ପୂଜା କମିଟି ପକ୍ଷରୁ ନିରାକାରପୁର ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଜାରି ରଖିଛି । ସୋମବାର ସକାଳେ ପୂଜକମାନେ ମନ୍ଦିର ଖୋଲିଲା ବେଳେ ଆଲମାରି ଭଙ୍ଗା ଯାଇ ଚୋରି ହୋଇଥିବା ଦେଖି ପରିଚାଳନା କମିଟିକୁ ଜଣାଇଥିଲେ। ଖବର ପାଇ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ମନ୍ଦିର ସମ୍ମୁଖ ଏକ ଘରେ ଥିବା ମହାବୀରଙ୍କ ହୁଣ୍ଡିରୁ ମଧ ଚୋରି ହୋଇଥିବା ଦେଖିଥିଲେ। ସାଇବାବାଙ୍କର ୩ ରୁପା କିରିଟି ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବାବେଳେ ମହାବୀରଙ୍କ ହୁଣ୍ଡିରୁ ପ୍ରାୟ ୭ ହଜାର ଟଙ୍କା ଚୋରି ନେଇ ଥାନାରେ ଅଭିଯୋଗ ହୋଇଥିବା ଏଏସ୍‌ଆଇ ଶରତ ପାଇକରାୟ ସୂଚନା ଦେଇଛନ୍ତି ।

■ ବରିଷ୍ଠ ନାଗରିକ ମଞ୍ଚ ବୈଠକ

# ସମାଜ ଗଠନରେ ନିଜକୁ ସାମିଲ କରିବାକୁ ଆହ୍ୱାନ

**ନୟାଗଡ଼ ଅଫିସ,୨୬।୮**

ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଖଣ୍ଡପଡ଼ା ରୋଡ଼ଠାରେ ଥିବା ଗୋଷ୍ଠୀ କେନ୍ଦ୍ର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି କୁବେର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ବିଧାୟକ ତଥା କୃଷିମନ୍ତ୍ରୀ ଡ. ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକମାନେ ସମାଜର ନମସ୍ୟ ବୋଲି କହିଥିଲେ। ନୟାଗଡ଼ର ବିକାଶ ନିମନ୍ତେ ମିଳିତ ଭାବେ ସମାଜ ଗଠନରେ ନିଜକୁ ସାମିଲ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିବା ସହ ଜିଲାର ଆଉ ୧୧ ଗୋଟି ବରିଷ୍ଠ ନାଗରିକ ମଞ୍ଚ ହୋଇଥିବା ପ୍ରକାଶ କରିଥିଲେ। ବରିଷ୍ଠ ନାଗରିକମାନଙ୍କୁ ସରକାରଙ୍କ ଦ୍ୱାରା ପ୍ରଣୀତ ଆଇନଗତ ସୁବିଧା ସୁଯୋଗ ବିଷୟରେ ସଚେତନ କରାଇବା ପାଇଁ ମଞ୍ଚ ସଙ୍କଳ୍ପବଦ୍ଧ ବୋଲି କହିଥିଲେ। ନୟାଗଡ଼ ସହରରେ ପଲିଥିନ ବର୍ଜନ କରିବା ସହ ସହରକୁ ସଫାସୁତୁରା ରଖିବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ କରାଇବା ଲାଗି ମଞ୍ଚ ପ୍ରସ୍ତାବ ଦେଇଥିଲା। ମୁଖ୍ୟ ସଂଯୋଜକ ଗୋଦାବରୀ ସାହୁ ବକ୍ତବ୍ୟ ରଖିଥିବାବେଳେ ଉପସଭାପତି ଏମ ଆଉରଙ୍ଗଜେବ ଧନ୍ୟବାଦ ଦେଇଥିଲେ।




ବୈଠକରେ ଯୋଗଦେଇଥିବା ଅତିଥିମାନେ।

# ସଂସ୍କୃତ ଭାଷା ଭାରତୀୟ ସଂସ୍କୃତିର ପ୍ରାଣ

**ନୟାଗଡ଼ ଅଫିସ,୨୬।୮**

ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ ନୂଆଦିଲ୍ଲୀ ସହାୟତାରେ ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଗୋଡ଼ିପଡ଼ାସ୍ଥିତ ଶ୍ରୀ ଲଡୁକେଶ ମହାବିଦ୍ୟାଳୟଠାରେ ଅନୌପଚାରିକ ଶିକ୍ଷଣକେନ୍ଦ୍ରର ଉଦ୍‌ଘାଟନ ଉତ୍ସବ ତଥା ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଉଷାରାଣୀ ପଟ୍ଟନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ସଂସ୍କୃତଜ୍ଞ ତଥା ପାଲା ଗାୟକ ମନୋଜ କୁମାର ମିଶ୍ର ଯୋଗଦେଇ ସଂସ୍କୃତ ଭାଷା ଭାରତୀୟ ସଂସ୍କୃତିର ପ୍ରାଣ ବୋଲି ପ୍ରତିପାଦନ କରିଥିଲେ। ପ୍ରସନ୍ନ କୁମାର ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ସଂସ୍କୃତ ଭାଷା ଦେବ ଭାଷା ଭାବେ ଅତି ପବିତ୍ରତମା ବୋଲି ପ୍ରକାଶ କରିଥିଲେ। ବିଶିଷ୍ଟ ଅତିଥି ଭାବେ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ ନୂଆଦିଲ୍ଲୀର ସଂସ୍କୃତ ପ୍ରଶିକ୍ଷିକା ମାଳତୀ ସାହୁ ଯୋଗଦେଇ ସଂସ୍କୃତ ଭାଷାର ସରଳ ପ୍ରୟୋଗକୁ ଅଭିନବ ଶୈଳୀରେ ପ୍ରତିପାଦନ କରିଥିଲେ। ସମ୍ମାନିତ ଅତିଥିଭାବେ ରାଜନୀତି ବିଜ୍ଞାନ ଅଧ୍ୟାପକ ପ୍ରସନ୍ନ ପରିଡ଼ା, ଇଂଲିଶ ଅଧ୍ୟାପକ ଲକ୍ଷ୍ମୀଧର ଦାସ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସଂସ୍କୃତ ଅଧ୍ୟାପକ ସନ୍ତୋଷ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କ୍ରୀଡ଼ା ଅଧ୍ୟାପକ ଚିତ୍ତ ରଞ୍ଜନ ମହାପାତ୍ର, ପାଠାଗାର ପରିଚାଳକ ସନ୍ତୋଷ କୁମାର ପ୍ରଧାନ, ସମୀର କୁମାର ପଟ୍ଟନାୟକଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଯୋଗଦାନ କରିଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

### ବୃଦ୍ଧାଙ୍କୁ ମିଳୁନି ମୋ କୁଡ଼ିଆ ଯୋଜନାରେ ଆବାସ

**ଚିଲିକା,୨୬।୮(ଡି.ଏନ.ଏ.):** ଚିଲିକା ବ୍ଲକସ୍ଥ ହରିପୁର ପଞ୍ଚାୟତ ଅନ୍ତର୍ଗତ ଜୟଗୁରୁ ସାହିରେ ରହୁଥିବା ସ୍ୱର୍ଗତ ହଜାରୀ ନାୟକଙ୍କ ପତ୍ନୀ ଲକ୍ଷ୍ମୀଙ୍କୁ ମୋ କୁଡ଼ିଆ ଯୋଜନା ଗୃହ ମିଳିବା ସ୍ୱପ୍ନ ହୋଇପଡ଼ିଥିବା ମନେହେଉଛି । ଫନୀ ବାତ୍ୟାରେ ତାଙ୍କର ମାଟି ଘରଟି ଭୁଶୁଡ଼ି ପଡ଼ିବାରୁ ବହୁ କଷ୍ଟରେ ଚାଳଘର ଖଣ୍ଡେ କରିଥିଲେ। ତେବେ ଗତ ୧୦ ତାରିଖରେ ଘରଟି ଅଗ୍ନିକାଣ୍ଡରେ ପୋଡ଼ିଯାଇଥିଲା। ନିଆଁ ଲାଗି ସେ ଆହତ ହୋଇଥିବାବେଳେ ପୋଷିଥିବା ଛେଳିଟି ମଧ ଜୀବନ୍ତ ଦଗ୍ଧ ହୋଇଯାଇଥିଲା । ଏଣୁ ଲକ୍ଷ୍ମୀଙ୍କୁ ପକ୍କା ଘରଟିଏ ଯୋଗାଇ ଦେବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

# ମହାବିଦ୍ୟାଳୟ ପରିଚାଳନା କମିଟି ବୈଠକ

**ଭାପୁର,୨୬।୮ (ଡି.ଏନ.ଏ.)**

ଭାପୁର ଆଞ୍ଚଳିକ ଯୁକ୍ତ ୨ ମହାବିଦ୍ୟାଳୟର ପରିଚାଳନା କମିଟି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବରିଷ୍ଠ ଓକିଲ ସନାତନ ଷଡ଼ଙ୍ଗୀ, ସୁଦୀପ୍ତା ମହାନ୍ତିଙ୍କ ସମେତ ସମସ୍ତ ସଭ୍ୟାସଭ୍ୟ ଯୋଗଦେଇଥିଲେ। କଲେଜ ଅଧ୍ୟକ୍ଷ ତଥା ପରିଚାଳନା କମିଟି ସମ୍ପାଦକ ଗଗନ ବିହାରୀ ତ୍ରିପାଠୀ ବିବରଣୀ ପାଠ କରିଥିଲେ। ପୂର୍ବତନ ବିଧାୟକଙ୍କ ପାଣ୍ଠିରୁ ମିଳିଥିବା ୫ଲକ୍ଷ ଟଙ୍କାରେ କଲେଜରେ ଅର୍ଦ୍ଧନିର୍ମିତ ଶ୍ରେଣୀଗୃହର ଛାତ ପଡ଼ିବାକୁ ନିଷ୍ପତ୍ତି ହୋଇ ବିଭାଗୀୟ ଯନ୍ତ୍ରୀଙ୍କ ସହ ଆଲୋଚନା ହୋଇଥିଲା। ସେହିପରି ପୂର୍ବତନ ବିଧାୟକଙ୍କ ଅନୁଦାନରୁ ମିଳିଥିବା ୨ଲକ୍ଷ ଟଙ୍କାରେ ପାଚେରି ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଥିଲେ ହେଁ ବ୍ଲକ ପ୍ରଶାସନ ଏଯାବତ୍ କାର୍ଯ୍ୟାଦେଶ ଦେଇ ନ ଥିବାରୁ ବିଡିଓଙ୍କ ସହ ଫୋନରେ ଯୋଗାଯୋଗ କରାଯାଇଥିଲା। ଆସନ୍ତା ବର୍ଷ ପାଇଁ କଲେଜରେ ଅଧିକ ୬୪ ସିଟ୍ ବଢାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ଓ ନୂତନ ଭାବେ ସୋସିଓଲୋଜି ବିଭାଗ ଖୋଲିବାକୁ ଉଦ୍ୟମ କରିବାକୁ ସଭାପତିଙ୍କୁ ଅନୁରୋଧ କରାଯାଇଥିଲା।



ବୈଠକରେ ଉପସ୍ଥିତ କମିଟି ସଭାପତି ଓ ଅନ୍ୟମାନେ।

■ ବ୍ଲକ ଛକରେ ନାହିଁ ଆଲୋକ ବ୍ୟବସ୍ଥା

# ରାତି ହେଲେ କାର୍ଯ୍ୟାଳୟ ପରିସରରେ ନିଶାସକ୍ତଙ୍କ ଆଡ୍ଡା

**ନୂଆଗାଁ,୨୬।୮(ଡି.ଏନ.ଏ.)**

ନୟାଗଡ ଜିଲା ନୂଆଗାଁ ବ୍ଲକ ଛକ କିମ୍ବା କାର୍ଯ୍ୟାଳୟ ପରିସରରେ ଆଲୋକ ବ୍ୟବସ୍ଥା ନାହିଁ। ଫଳରେ ସୂର୍ଯ୍ୟ ନଇଁଲେ ଏଠାରେ ସମ୍ପୂର୍ଣ୍ଣ ଅନ୍ଧାର ହୋଇଯାଏ। ଏହାର ସୁଯୋଗ ନେଇ ଅସାମାଜିକ ଲୋକମାନେ ଏହି ସ୍ଥାନରେ ଆଡ୍ଡା ଜମାଇଥାନ୍ତି । ତାହାର ପ୍ରମାଣ ସ୍ୱରୂପ ସେଠାରେ ଗଦା ଗଦା ମଦ ବୋତଲ ପଡିଥିବାର ଦେଖିବାକୁ ମିଳୁଛି ।

ବ୍ଲକ ଛକ ନୂଆଗାଁ ଅଞ୍ଚଳର ଏକ ପ୍ରମୁଖ ସ୍ଥାନ ହୋଇଥିବା ବେଳେ ବ୍ଲକ କାର୍ଯ୍ୟାଳୟ ପରିସର ମଧ୍ୟରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ଏକ ଏଟିଏମ କାଉଣ୍ଟର ମଧ୍ୟ ରହିଛି,ଯେଉଁ ସ୍ଥାନକୁ ପ୍ରତିଦିନ ଶହ ଶହ ଲୋକ ଯିବାଆସିବା କରିବା ସହ ଏଟିଏମରୁ ଟଙ୍କା ଉଠାଣ କରିଥାନ୍ତି । କିନ୍ତୁ ଏଭଳି ଏକ ସ୍ଥାନରେ ଦୀର୍ଘ ଦିନରୁ ଆଲୋକ ବ୍ୟବସ୍ଥା କରାଯାଇ ନାହିଁ। ଆଲୋକ ବ୍ୟବସ୍ଥା ସହ ସୁରକ୍ଷା ବ୍ୟବସ୍ଥା ନଥିବାରୁ ନିଶାସକ୍ତମାନେ ନିଶା ସେବନ କରି ବ୍ଲକ ପରିସର ମଧ୍ୟରେ ଥିବା ଏଟିଏମ ପଛପାଖେ କୁଢ କୁଢ ମଦ, କୋରେକ୍ସ, ପିଡି ଆଦି ବୋତଲ ପକାଉଛନ୍ତି। ଏହି ଅନ୍ଧାର ଯୋଗୁଁ ଅତୀତରେ ନୂଆଗାଁର ଜଣେ ଯୁବକଙ୍କର ମୃତ୍ୟୁ ହୋଇଥିଲା। ଏହାର କାରଣ ଏବେ ମଧ୍ୟ ଅସ୍ପଷ୍ଟ ହୋଇ ରହିଛି । ଆଲୋକ ବ୍ୟବସ୍ଥା କରିବା ପାଇଁ ବାରମ୍ବାର ଅଭିଯୋଗ ହେବା ପରେ ପୂର୍ବତନ ବିଡିଓ ବିଜୟ କେତନ ସାହୁ ଯଥାଶୀଘ୍ର ବ୍ୟବସ୍ଥା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଅଦ୍ୟାବଧି ତାହା କରାଯାଇ ନାହିଁ। ସାଧାରଣ ଲୋକେ ବ୍ଲକ ପରିସରରେ ଥିବା ଏଟିଏମ କାଉଣ୍ଟରକୁ ଟଙ୍କା ଉଠାଇବା ପାଇଁ ଯିବାକୁ ଭୟ କରି ଥାଆନ୍ତି । ତେଣୁ ବ୍ଲକ ଛକ ଓ କାର୍ଯ୍ୟାଳୟ ପରିସରକୁ ଆଲୋକୀକରଣ କରିବା ପାଇଁ ସାଧାରଣରେ ଦାବି ହେଉଛି । ଆଲୋକ ସମସ୍ୟା ଓ ଅସାମାଜିକ ବ୍ୟକ୍ତି ମଦ୍ୟପାନ କରି ବୋତଲ ପକାଉଥିବା ବିଷୟରେ ନୂଆଗାଁ ବିଡିଓ ଶିରିୟାଲ ଏସ୍. ପଟେଲଙ୍କୁ ପଚାରିବାରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଆଲୋକ ବ୍ୟବସ୍ଥା କରିବା ପାଇଁ ମୁଁ ଚେଷ୍ଟା କରିବି ଏବଂ କିଭଳି ଅସାମାଜିକ ବ୍ୟକ୍ତି ଏଠାରେ ମଦ୍ୟପାନ କରିବେ ନାହିଁ, ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି ସେ କହିଥିଲେ।



ଗଦା ହୋଇଥିବା ମଦ ବୋତଲ।

■ ଗଡୁଛି ଗଦା ଗଦା ମଦ ବୋତଲ